# ମାଙ୍କଡ଼ିଆଙ୍କ ପକ୍କାଘର ସ୍ୱପ୍ନ ଅଧୁରା

**ଖଣି ଅଞ୍ଚଳରେ ପ୍ରଶାସନର ପୁଣି ଅବହେଳା**

- ଡିଏମ୍‌ଏଫ୍ ପାଣ୍ଠିରେ କଲୋନି ଘର ନିର୍ମାଣରେ ଅନିୟମିତତା
- ସାଢ଼େ ୩ ବର୍ଷ ହେଲା ଅଧାପନ୍ତରିଆ କଲୋନି ଘର
- ତଦନ୍ତ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ

ଯାଜପୁର,୪।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ଖଣି ନିକଟସ୍ଥ ମଲ୍ଲାରସାହି ଗାଁରେ ବସବାସ କରୁଥିବା ମାଙ୍କଡ଼ିଆ ଜନଜାତିର ଜୀବନଧାରଣ ମାନରେ ସୁଧାର ଆଣିବାକୁ ପ୍ରଶାସନ ବିଫଳ ହୋଇଛି। ଜଙ୍ଗଲ ଜମି ଅଧିକାର ଆଇନ ମାଧ୍ୟମରେ ଲୁପ୍ତପ୍ରାୟ ସମ୍ପ୍ରଦାୟ ମାଙ୍କଡ଼ିଆ ପରିବାର ସଦସ୍ୟମାନଙ୍କୁ ୨୦୧୯ ଡିସେମ୍ବରରୁ ୧୭୪୨ ବର୍ଗଫୁଟର ଜମି ଗାଁସୋଳ ପଞ୍ଚାୟତର କୁସୁମଡିହାଠାରେ ପ୍ରଦାନ କରାଯାଇଛି। ସେମାନଙ୍କୁ ଥଇଥାନ ପାଇଁ ବାସଗୃହ ନିର୍ମାଣରେ ଡିଏମ୍‌ଏଫ୍ (ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ଆବଣ୍ଟିତ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କାରୁ ସିଂହଭାଗ ଅର୍ଥ ହଡ଼ପ କରାଯାଇଛି। ଫଳରେ ଘରଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ସେଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଏଥିରେ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଦୁର୍ନୀତି ହୋଇଥିବା ସାଧାରଣରେ ସନ୍ଦେହ କରାଯାଇଛି। ଏହିକ୍ରମରେ ଖଣି ପ୍ରଭାବିତ ଆଦିବାସୀ ସମ୍ପ୍ରଦାୟ ମାଙ୍କଡ଼ିଆଙ୍କ ଥଇଥାନ ଓ ପକ୍କାଘର ପାଇବା ସ୍ୱପ୍ନ ଅଧୁରା ରହିଯିବ ବୋଲି ମତପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏଭଳି ଦୁର୍ନୀତି ଅଭିଯୋଗର ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ କର୍ମୀ ମଣ୍ଟୁ ଦାସ ପତ୍ର ଲେଖିଛନ୍ତି।

ସାଧାରଣତଃ ଖଣି କାର୍ଯ୍ୟ ହେଉଥିବା ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ରହୁନାହିଁ। ଫଳରେ ଉକ୍ତ ଅଞ୍ଚଳଗୁଡ଼ିକରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇ ପାରୁ ନ ଥିବାରୁ ଏହା ପଛୁଆ ହୋଇ ରହିଯାଇଛି ; ଯାହାକି ରତ୍ନଗର୍ଭା ସୁକିନ୍ଦାର ନଗଡ଼ା, ତୁମୁଣି ଓ ଗୁହିଆଶାଳ ଗ୍ରାମ ଜ୍ୱଳନ୍ତ ଉଦାହରଣ। ବର୍ତ୍ତମାନ ମଲ୍ଲାରସାହିରେ ବସବାସ କରୁଥିବା ଶତାଧିକ ମାଙ୍କଡ଼ିଆ ଜନଜାତିଙ୍କ ଅବସ୍ଥାକୁ ଦେଖିଲେ ମଧ୍ୟ ଏହା ପ୍ରମାଣିତ ହେଉଛି। ଖଣି ଖନନ ଯୋଗୁ କ୍ଷତିଗ୍ରସ୍ତ ଓ ପ୍ରଭାବିତ ହେଉଥିବା ଲୋକଙ୍କୁ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ଆବଶ୍ୟକ କ୍ଷତିପୂରଣ ମିଳୁନାହିଁ। ତେଣୁ ଖଣି ଖନନ କରୁଥିବା କମ୍ପାନୀର ଅଂଶଧନ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରିବା ଲାଗି ସରକାର ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଢ଼ାଞ୍ଚାଗତ ସଙ୍ଗଠିତ ପ୍ରକ୍ରିୟାର ଆବଶ୍ୟକତା ରହିଛି। ଖଣି ଅଞ୍ଚଳ ସମ୍ପଦର ବ୍ୟବହାର କରି ସେହି ଅଞ୍ଚଳରେ ଲୋକମାନଙ୍କ ବିକାଶ ଉପରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରିବା କଥା। କିନ୍ତୁ ପ୍ରଭାବିତ ଲୋକଙ୍କ ସମସ୍ୟାକୁ ଦଳିଚକଟି ଦିଆଯାଉଛି। ଅବହେଳିତ ଆଦିବାସୀ ବର୍ଗର ଲୋକଙ୍କ ନିକଟରେ ଏହାର ସୁଫଳ କିଭଳି ପହଞ୍ଚିବ ଡିଏମ୍‌ଏଫ୍‌ରେ ବ୍ୟବସ୍ଥା ହୋଇଛି। କିନ୍ତୁ ଏହି ପାଣ୍ଠିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ୮୭ଟି ମାଙ୍କଡ଼ିଆ



ମାଙ୍କଡ଼ିଆଙ୍କ ପାଇଁ ନିର୍ମିତ କଲୋନୀ ଅଧାପନ୍ତରିଆ।

ପରିବାରଙ୍କ ପାଇଁ ଗୃହ ନିର୍ମାଣ ଯୋଜନା ଫସର ଫାଟିଛି। ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ମାଙ୍କଡ଼ିଆ ବସ୍ତିକୁ ଗସ୍ତ କରି ସମସ୍ତ ପରିବାର ପାଇଁ ଜମି ଆବଣ୍ଟନ କରିବା ସହ ସ୍ୱତନ୍ତ୍ର ଅଲଗା ସ୍ନାନାଗାର ଓ ପାଇଖାନାର ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ। ଅପରପକ୍ଷରେ ସମସ୍ତ ଗୃହକୁ ବିଦ୍ୟୁତ୍, ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ସହ ବହୁମୁଖୀ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶାରେ ୧୩ଟି ବିଶେଷ ସ୍ପର୍ଶକାତର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧିବାସୀ ବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମାଙ୍କଡ଼ିଆ ଜନଜାତି ଅନ୍ୟତମ। ମଲ୍ଲାରସାହିରେ ଏହି ମାଙ୍କଡ଼ିଆ ଜନଜାତି ପରିବାର ଭୂମିହୀନ। ମାଟିକାନ୍ଥ, ଚାଳ ଛପର ଘରେ ସେମାନଙ୍କ ଜୀବନ ଅତିବାହିତ କରୁଛନ୍ତି। ତେଣୁ ମାଙ୍କଡ଼ିଆ ଜନଜାତି ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେଥିପାଇଁ ଡିଏମ୍‌ଏଫ୍ ପାଣ୍ଠି ଆବଣ୍ଟିତ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯାଜପୁର-୧ ଡିଭିଜନ ପକ୍ଷରୁ ୨୨।୨।୧୯ ରୁ ୮୭ ଟି ବାସଗୃହ ନିର୍ମାଣ ଆରମ୍ଭ ହୋଇ ୨୧।୨।୨୦୨୦ରେ ଶେଷ କରିବାକୁ ନିର୍ଦ୍ଦେଶ ଥିଲା। ଏହିକ୍ରମରେ ମୁଖ୍ୟ ଶାସନ ସଚିବଙ୍କୁ ହୋଇଥିବା ଅଭିଯୋଗ ଅନୁସାରେ ନିର୍ଦ୍ଧାରିତ ସମୟଠାରୁ ସାଢେ ୩ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ବାସଗୃହ ନିର୍ମାଣ ଶେଷ ହେଉନାହିଁ। ନିର୍ମାଣାଧୀନ ଏହି ଘରଗୁଡ଼ିକରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ କାର୍ଯ୍ୟ ଯୋଗୁ କାନ୍ଥଗୁଡ଼ିକ ଫାଟି ଆଁ କରିଛି। ଏହାବାଦ ଏକାଧିକ ବାସଗୃହ ଭୂଇଁରୁ ଉଠି ପାରିନାହିଁ। ଏଭଳିସ୍ଥିତିରେ ମାଙ୍କଡ଼ିଆ ଜନଜାତିଙ୍କ ବିସ୍ଥାପିତ କଲୋନିରେ ଥଇଥାନ ସ୍ୱପ୍ନ ପାଲଟିଛି। ତେଣୁ ଏହାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ କର୍ମୀ ଦାସ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ପଚାରିବାରୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ପରିବର୍ତ୍ତନ କରାଯାଇ ପୁଣି ନିର୍ମାଣ ଆରମ୍ଭ କରାଯାଉଛି। ଏହାସହ ନିମ୍ନମାନର କାର୍ଯ୍ୟ ଅଭିଯୋଗ ଉପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚିନ୍ମୟ



@ ନବଜିଲ୍



@ ନୀଳଚକ୍ର



@ ପ୍ରମୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଚେତନତା କ୍ଷେତ୍ରରେ ମହିଳା ଆଗୁଆ

- ବିପର୍ଯ୍ୟୟ ଆସିଲେ ଆମେ ପ୍ରସ୍ତୁତ
- ୫୦ ଜଣିଆ କାର୍ଯ୍ୟନିର୍ବାହୀ ଦଳକୁ ତାଲିମ୍ ପ୍ରଦାନ
- ପାଣିରୁ ଉଦ୍ଧାର କରିବାକୁ ଯୁବତୀଙ୍କ ମକ୍ ଡ୍ରିଲ

ମହାକାଳପଡ଼ା,୪।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜଆଁରା ଗାଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ଯୁବତୀଯୁବକମାନଙ୍କ ଦ୍ୱାରା ମକ୍ ଡ୍ରିଲ।

ସାମୁଦ୍ରିକ ଝଡ଼, ସୁନାମୀ, ଭୂକମ୍ପରୁ ରକ୍ଷା ପାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମୁଦ୍ର କୂଳିଆ ଅଞ୍ଚଳରେ ଜନ ସଚେତନତା ଲାଗି ମକ୍ ଡ୍ରିଲ୍ କରାଯାଉଛି। ବ୍ଲକର ୪୦ରୁ ଅଧିକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ କେନ୍ଦ୍ରଗୁଡ଼ିକରେ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ନେଇ ଟାସ୍କ ଫୋର୍ସ ବା କାର୍ଯ୍ୟନିର୍ବାହୀ ଦଳ ଗଠନ କରାଯାଇଛି। ଏହି ଅଞ୍ଚଳର ଯୁବତୀଯୁବକଙ୍କୁ ନେଇ ବିପର୍ଯ୍ୟୟ ପୂର୍ବ ଓ ପରେ କିପରି ପ୍ରାଥମିକ ଦୃଷ୍ଟିରୁ ଗର୍ଭବତୀ ମହିଳା, ଶିଶୁ, ଦିବ୍ୟାଙ୍ଗ, ଅସହାୟ ମହିଳା, ବୟସ୍କ ବୃଦ୍ଧାବୃଦ୍ଧଙ୍କୁ ସୁରକ୍ଷିତ ଭାବେ ଥଇଥାନ କେନ୍ଦ୍ରରେ ପହଞ୍ଚା ଯାଇପାରିବ, ପ୍ରାଥମିକ ପର୍ଯ୍ୟାୟରେ ଗଛ କାଟି ରାସ୍ତା ସଫା କରାଯିବ ଯୁବତୀଯୁବକମାନଙ୍କୁ ତାଲିମ୍ ଦିଆଯାଇଥିଲା। ତେବେ ଏହି ସମୟରେ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ବ୍ଲକର ୩୧ଟି ବହୁ ମୁଖି ବାତ୍ୟା ଆଶ୍ରୟସ୍ଥଳରେ ତାଲିମ୍ ପ୍ରଦାନ ସେପ୍ଟେମ୍ବରଠାରୁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଉଛି ବୋଲି ପ୍ରଶିକ୍ଷକ ନାରାୟଣ ଚନ୍ଦ୍ର ଜେନା ଓ ଜୁଏଲ୍ ଜେନା କହିଛନ୍ତ। ବ୍ଲକର ମହାକାଳପଡ଼ା ପଞ୍ଚାୟତର ସ୍ଥାନୀୟ ଜଆଁରା ଗ୍ରାମ ବହୁ ମୁଖୀ ବାତ୍ୟା ଆଶ୍ରୟସ୍ଥଳଠାରେ ଏହି ତାଲିମ ପ୍ରଦାନ ଅନୁଷ୍ଠିତ ହୋଇଯାଇଛି। ପ୍ରତି ତାଲିମରେ ୫୦ ଜଣ ଯୁବତୀଯୁବକ ସାମିଲ ହୋଇଥିଲେ। ଏହି ତାଲିମ୍ ୭ ଦିନ ଧରି ଅନୁଷ୍ଠିତ ହେଉଛି। ଏଠାରେ ପ୍ରଶ୍ନ ଉଠେ ବ୍ଲକର ଅନେକ ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକରେ ବିପର୍ଯ୍ୟୟ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଜେନରେଟର, ପିଇବା ପାଣି, ଶୌଚାଳୟ ଓ ପ୍ରାଥମିକ ଚିକିତ୍ସା କିଟ୍ ବକ୍ସ, ବାତ୍ୟା ସୂଚନା ପାଇଁ ମିଳିଥିବା ରେଡ଼ିଓ, ସୋଲାର ଲାଇଟ୍ ଆଦି କେଉଁଠି ନଷ୍ଟ ହୋଇଗଲାଣି ତ କେଉଁଠାରେ ଦେଖିବାକୁ ମିଳୁନି ବୋଲି ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି। ତୁରନ୍ତ ଉକ୍ତ କର୍ତ୍ତୃପକ୍ଷ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଗୁଡିକରେ ଉକ୍ତ ସାମଗ୍ରୀଗୁଡ଼ିକୁ ମହଜୁତ ରଖିବା ସହ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସ୍ୱାଇଁ ଦାବି କରିଛନ୍ତି।

# ଚତୁର୍ଥୀ ଦିନ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଲେ ପ୍ରେମିକା

- ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା
- ଅଭିଯୁକ୍ତ ଯୁବକ ଥାନାରେ ଅଟକ

ରସୁଲପୁର,୪।୭(ରଂଜିତ ରାଉତ):

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଭଗତପୁର ଗ୍ରାମର ବିନୋଦ କୁମାର ପଣ୍ଡିତ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହାମଧ୍ୟରେ ଶୁକ୍ରବାର ବିନୋଦ କୁଆଖିଆ ଥାନା ଅନ୍ତର୍ଗତ ଚଣ୍ଡିପୁର ଅଞ୍ଚଳରେ ବିବାହ କରିଛନ୍ତି। ଏକଥା ଅଭିଯୋଗକାରିଣୀ ଯୁବତୀ ଜାଣିବା ପରେ ସୋମବାର ଚତୁର୍ଥୀରେ ଆସି ପ୍ରେମିକଙ୍କୁ ବିବାହ କରିବା ଜିଦ୍‌ରେ ତାଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ଏହାକୁ ବିନୋଦଙ୍କ ପରିବାର ବିରୋଧ କରିବା ପରେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଯୁବକଙ୍କ ପରିବାର ଯୁବତୀଙ୍କ ଦୁର୍ବ୍ୟବହାର, ମାନସିକ ନର୍ଯାତନା, ସମାଜରେ ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା ଭଳି କେତେକ କାରଣ ଦର୍ଶାଇ ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ରିପୋର୍ଟ ଲେଖା ହେବା ସୁଧା ଥାନାରେ ମାମଲା ରୁଜୁ କରା ଯାଇ ନ ଥିବା ଜଣାଇଯାଇଛି। ଏହି ଘଟଣା ସହ ତିନୋଟି ଜୀବନ ଓ ପରିବାର ଲୋକଙ୍କ ଭବିଷ୍ୟତ ନିର୍ଭର କରୁଥିବାରୁ ପୋଲିସ ଘଟଣାକୁ ନେଇ ଆକ୍ରମଣାତ୍ମକ ମନୋଭାବ ପୋଷଣ କରିବା ବଦଳରେ କୋହଳ ହୋଇଥିବା ଜଣାଯାଇଛି।

ବିନୋଦ ବାରବାଟୀ ବାଜରର ୟୁକୋ ବ୍ୟାଙ୍କ ନିକଟରେ ଏକ ଜନସେବା କେନ୍ଦ୍ର ଖୋଲିଛନ୍ତି। ଏହି କେନ୍ଦ୍ରକୁ ଯୁବତୀ ଜଣକ ଯା-ଆସ କରିବା ସୁଯୋଗରେ ସେମାନଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା। ପ୍ରେମ ସଂପର୍କ ୨ବର୍ଷ ହେବ ବୋଲି ଉଭୟଙ୍କ ବୟାନରୁ ଜଣାପଡିଛି। ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ। ପରିବାର ଲୋକେ ସେମାନଙ୍କ ବିବାହକୁ ସ୍ୱୀକୃତି ନ ଦେବାରୁ ବିନୋଦ ଅନ୍ୟତ୍ର ବିବାହ କରିବାକୁ ରାଜି ହୋଇଯାଇଥିଲେ। ଏହି ଖବର ଜାଣି ନବବିବାହିତ ଦାମ୍ପତ୍ୟ ଜୀବନ ଆରମ୍ଭ କରିବା ପୂର୍ବରୁ ଶାଶୁଘର ଛାଡି ବାପଘରକୁ ଫେରି ଆସିଥିବା ଜଣାଯାଇଛି। ଏଠାରେ ଉପୁଜୁଥିବା ରୋଚକ ଘଟଣାକୁ ଆପୋସ ସମାଧାନ କରିବା ପାଇଁ ପଞ୍ଚାୟତ ପକ୍ଷରୁ ପ୍ରୟାସ ଜାରି ରହିଛି।

# ଏସ୍‌ପିଙ୍କ ନିକଟରେ ଆଇଆଇସି ମାଡ଼ ମାରିବା ଅଭିଯୋଗ

କେନ୍ଦ୍ରାପଡ଼ା, ୪।୭ (ଜଗନ୍ନାଥ ଧଳ):

ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ ମାର୍ଶାଘାଇ ଗାଁର ମନୋରଞ୍ଜନ ଦଳାଇଙ୍କୁ ମଙ୍ଗଳବାର ମାଡ଼ ମାରିଛନ୍ତି। ଜାତିକୁ ନେଇ ଗାଳି କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଛନ୍ତି। ଏପରି କି ପାଇପରେ ମାଡ଼ ମାରିବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଥାନାଧିକାରୀଙ୍କ ବିରୋଧରେ ଏପରି ଅଭିଯୋଗ ଆଣି ମନୋରଞ୍ଜନଙ୍କ ସ୍ତ୍ରୀ କାଦମ୍ବିନୀ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। କାଦମ୍ବିନୀଙ୍କ ସୂଚନା ଅନୁଯାୟୀ, ଗ୍ରାମର ଜଣେ ମହିଳାଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖିଛନ୍ତି। ସମ୍ପୃକ୍ତ ମହିଳାଙ୍କ ସହ ମନୋରଞ୍ଜନ ଥାନାକୁ ଘଟଣା ସମ୍ପର୍କରେ ବୁଝିବାକୁ ଯାଇଥିଲେ। ଥାନା ଅଧିକାରୀ ହଠାତ ଉତ୍ତେଜିତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ଘଟଣାର ତଦନ୍ତ ହେବ ବୋଲି ଏସ୍‌ପି ମଡକର ସନ୍ଦିତ ସମ୍ପଦ ପ୍ରତିଶ୍ରୁତି ଦେଇଥିବା କାଦମ୍ବିନୀ କହିଛନ୍ତି।

# ଫିଟ୍‌ନେସ୍ ନ ଥିବା ବସ୍‌ରେ ପିଲା ଯାଉଛନ୍ତି






ପାରାଦୀପ,୪।୭(ଶରତ ରାଉତ)

ସମ୍ପ୍ରତି ବସ୍ ଦୁର୍ଘଟଣା ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚା ଚାଲିଛି। ଫିଟ୍‌ନେସ ନ ଥିବା ବସ୍ ଯୋଗୁ ଦୁର୍ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି। ଏହାସତ୍ତ୍ୱେ ପାରାଦୀପରେ ଫିଟ୍‌ନେସ୍ ନ ଥିବା ବସ୍ ଚଳାଚଳ କରୁଛି। ବିଶେଷକରି ସ୍କୁଲ ପିଲାଙ୍କୁ ଏଭଳି ବସ୍‌ରେ ନିଆଯାଉଛି। ଏହାବାଦ ବିଭିନ୍ନ କମ୍ପାନୀ ଶ୍ରମିକ ମଧ୍ୟ ସେଭଳି ଫିଟ୍‌ନେସ୍ ନ ଥିବା ବସ୍, ଆମ୍ବାସାଡର କାର ଯୋଗେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏସବୁ ଫିଟ୍‌ନେସ ନ ଥିବା ଗାଡି ଉପରେ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ସୋମବାର ଜଗନ୍ନାଥ ନାମକ ଏକ ବସ (ଓଆର-୨୧-୩୭୨୫)ସ୍କୁଲ ପିଲାଙ୍କୁ ନେଉଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ବସ୍‌ର ପଞ୍ଜୀକୃତ ନମ୍ବର ଅନ୍‌ଲାଇନରେ ଯାଞ୍ଚ କରିବାରୁ ତାହାର କୌଣସି ବୈଧତା ନ ଥିଲା। ଫିଟ୍‌ନେସ୍ ଓ ଇନସ୍ୟୁରାନ୍ସ ଆଦି ୨୦୨୦ରୁ ଶେଷ ହୋଇଛି। ଏ ସମ୍ପର୍କରେ ବସ୍ ଚାଳକଙ୍କୁ ପଚାରିଲେ ସେ ହସି ଦେଇ ପଳାଇ ଥିଲେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ପରିବହନ ଅଧିକାରୀ(ଆର୍‌ଟିଓ) ପ୍ରଶାନ୍ତ ମହାପାତ୍ରଙ୍କୁ ପଚାରିବାରୁ କହିଥିଲେ, ଆମ ନଜରକୁ ଆସିନାହିଁ। ଦେଖିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଗଳିତ ମୃତଦେହ ଜବତ

ଆଳି,୪।୭(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ମାଣିକପାଟଣା ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ଏକ ଗଳିତ ମୃତଦେହ ମଙ୍ଗଳବାର ଜବତ ହୋଇଛି। ମୃତଦେହ ନଦୀ କୂଳରେ ଭାସୁଥିବା ଦେଖି ଗ୍ରାମବାସୀ ଆଳି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରିବା ପରେ ମୃତବ୍ୟକ୍ତିଙ୍କ ଭଉଣୀ ଆସି ଚିହ୍ନଟ କରିଥିଲେ। ମୃତକ ହେଉଛନ୍ତି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ତନୁପୁର ନନ୍ଦିନଗର ଗାଁର ଶୁକଦେବ ପାତ୍ରଙ୍କ ପୁଅ ନାରାୟଣ(୩୦)। ସେ ୩ଦିନ ହେବ ନିଖୋଜ ହୋଇ ଯାଇଥିଲେ। ଥାନାରେ ପରିବାର ପକ୍ଷରୁ ନିଖୋଜ ନେଇ ଅଭିଯୋଗ ମଧ୍ୟ ହୋଇଥିଲା। ମୃତ ନାରାୟଣଙ୍କ ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ ଚିହ୍ନ ସହ ମୁହଁ କଳା ପଡ଼ିଥିବାରୁ ହତ୍ୟା ପରେ ନଦୀରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ କ'ଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଅଧ୍ୟକ୍ଷଙ୍କୁ ଘେରିଲେ ଶତାଧିକ ଲୋକ

**ବରୀ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍**

ବରୀ,୪।୭(ଡି.ଏନ.ଏ.):



ବ୍ଲକ ଅଧ୍ୟକ୍ଷଙ୍କୁ ଲୋକେ ଦାବିପତ୍ର ପ୍ରଦାନ କରୁଛନ୍ତି।

ବରୀ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରଧାନମନ୍ତ୍ରୀ ଆବାସ, ରାଶନକାର୍ଡ ଓ ଭତ୍ତା ଯୋଜନା ଆଦି ଅନେକ କାର୍ଯ୍ୟକାରୀ ହେଉ ନ ଥିବାରୁ ମଙ୍ଗଳବାର ଶତାଧିକ ଲୋକେ ବ୍ଲକ୍ କାର୍ଯ୍ୟାଳୟରେ ଅଧ୍ୟକ୍ଷଙ୍କୁ ଘେରାଉ କରିଛନ୍ତି। ଏଥିସହିତ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି।

ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ନିଜ କାର୍ଯ୍ୟାଳୟରେ ବସିଥିଲାବେଳେ ଲୋକେ ତାଙ୍କୁ ଦୀର୍ଘ ସମୟ ତାଲା ପକାଇ ଅଟକ ରଖିଥିଲେ। ବ୍ଲକ୍ କର୍ମଚାରୀମାନେ ଭୟରେ କାର୍ଯ୍ୟାଳୟ ଛାଡି ବାହାରେ ବୁଲିଥିଲେ। ଯେଉଁ ବିଭାଗରେ ଯାହା କାର୍ଯ୍ୟ ଅଛି ନିୟମ ମୁତାବକ ସମୟ ସୀମା ମଧ୍ୟରେ ତାହା ସମ୍ପାଦନ କରାଯିବ ବୋଲି ବ୍ଲକ୍ ପରିସରରେ ଅଭିଯୋଗକାରୀଙ୍କୁ ଅଧ୍ୟକ୍ଷ ବୁଝାଶୁଝା କରିଥିଲେ। ଏହାପରେ ଆନ୍ଦୋଳନକାରୀ ବ୍ଲକ୍ ଅଧ୍ୟକ୍ଷ ଗେଡିଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଆନ୍ଦୋଳକାରେ ବିପିନ ବିହାରୀ ମହାନ୍ତି, ନିର୍ମଳ ମଲିକ, ଅତିସ କୁମାର ରାୟ, ଉପେନ୍ଦ୍ର କୁମାର ମହାନ୍ତି ଓ ଉପେନ୍ଦ୍ର ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

# ପୋଷ୍ଟିଂ ସତ୍ତ୍ୱେ ଡାକ୍ତରଙ୍କ ସଂଖ୍ୟା ବଢ଼ୁନି

## ନୟାଗଡ଼ରେ ବଦଳୁନି ସ୍ୱାସ୍ଥ୍ୟସେବାର ଚିତ୍ର

ନୟାଗଡ଼,୪।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ବିପର୍ଯ୍ୟସ୍ତ ହୋଇ ରହିଥିବା ସ୍ୱାସ୍ଥ୍ୟସେବା ସୁଧୁରିବାର ନାଁ ଧରୁନି। ବିଭିନ୍ନ ସମୟରେ ଡାକ୍ତର ପୋଷ୍ଟିଂ ହେଉଛି। ତେବେ ଡାକ୍ତର ଅବସର ନେଉଥିବାବେଳେ କେତେଜଣ ଚାକିରି ଛାଡ଼ି ଦେଉଥିବାରୁ ଏମାନଙ୍କର ସଂଖ୍ୟା ବଢ଼ିବା ବଦଳରେ ହ୍ରାସ ପାଇ ଚାଲିଛି। କେହି ଏହାର କାରଣ ଖୋଜୁ ନାହାନ୍ତି। ସରକାର ଡାକ୍ତର ପଦବୀ ପୂରଣ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି ହେଲେ ତ୍ରୁଟି କେଉଁଠି ରହୁଛି ଏହାର ସମାଧାନ କରାଯାଉନାହିଁ। ଜିଲାରେ ୩୧୨ରୁ ୧୪୪ ଡାକ୍ତର ଅଛନ୍ତି। ଜିଲାରେ ୧୬୮ ଡାକ୍ତର ପଦବୀ ଖାଲି ପଡ଼ିଛି। ୨୦୨୦ରେ ୧୫ ଡାକ୍ତର ପୋଷ୍ଟିଂ ହୋଇଥିଲେ। ଏଥିରୁ ୫ଜଣ କାର୍ଯ୍ୟରେ ଯୋଗଦେଲେ ନାହିଁ। ଅବଶିଷ୍ଟ ୧୦ ଡାକ୍ତର କାର୍ଯ୍ୟରେ ଯୋଗ ଦେଲେ। ତେବେ ଏଥିରୁ ୪ଜଣ ପିଜି ପଢ଼ିବାକୁ ଚାଲିଗଲେ। ସେହିପରି ୨୦୨୧ରେ ୨୦ ଡାକ୍ତର ପୋଷ୍ଟିଂ ହୋଇଥିଲେ। ୨୦ ଡାକ୍ତର କାର୍ଯ୍ୟରେ ଯୋଗ ଦେଇଥିଲେ। ହେଲେ ୧୦ ଜଣ ପୁଣି ପିଜି କରିବାକୁ ଚାଲିଗଲେ। ୨୦୨୨ରେ ୧୪ଜଣ ପୋଷ୍ଟିଂ ହୋଇଥିଲେ। ପୋଷ୍ଟିଂ ହୋଇଥିବା ଡାକ୍ତରଙ୍କ ମଧ୍ୟରୁ ମାତ୍ର ୪ ଜଣ କାର୍ଯ୍ୟରେ ଯୋଗ ଦେଇଥିଲେ। ୨୦୨୩ରେ ଜୁନରେ ପୁଣି ୩୫ ଜଣ ଡାକ୍ତର ନିଯୁକ୍ତି ପାଇଲେ। ଏଥିରୁ ୩୩ କାର୍ଯ୍ୟରେ ଯୋଗଦେଲେ। ୯ଜଣ ପିଜି କରିବାକୁ ଚାଲିଯିବା ପରେ ୨୪ ଜଣ ଡାକ୍ତର ଜିଲାରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସବୁବେଳେ ଡାକ୍ତର ନିଯୁକ୍ତି ପାଉଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ପୁଣି କେତେଜଣ ପିଜି ପଢ଼ିବାକୁ ୩ବର୍ଷ ଚାଲି ଯାଉଥିବାରୁ ପୋଷ୍ଟିଂରେ ଲୋକଙ୍କର ଲାଭ ହେଉନି ବୋଲି ପ୍ରଶ୍ନ ଉଠିଛି। ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସବୁଠାରେ ଗୋଟିଏ ଅଭିଯୋଗ ଡାକ୍ତର କି ଆବଶ୍ୟକୀୟ କର୍ମଚାରୀ ନାହାନ୍ତି। ଡାକ୍ତର ଥିଲେ ବି ସ୍ୱାସ୍ଥ୍ୟସେବା ଠିକ୍‌ରେ ମିଳୁନି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଦବୀ ଅନେକ। ହେଲେ ସେବା ଯୋଗାଇବାକୁ କେହି ନାହିଁ। ଅନ୍ୟପକ୍ଷେ ସୁପର ସ୍ପେଶାଲିଟ୍ ଡାକ୍ତର ପଦବୀ ନାହିଁ।






ରଣପୁର ମେଡିକାଲ ଅଫିସରଙ୍କ କାର୍ଯ୍ୟାଳୟରେ ତାଲା । ୧୦୦ ଶଯ୍ୟା ବିଶିଷ୍ଟ ୬ ମହଲା କୋଠା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି ।

### କାର୍ଯ୍ୟକ୍ଷମ ହେଉନି ୧୦୦ ଶଯ୍ୟା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ୬ ମହଲା କୋଠା ପ୍ରାୟ ୬ ମାସ ହେଲା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ରହିଛି। ଉଦ୍‌ଘାଟନ ଅପେକ୍ଷାରେ ଥିବା ଏହି ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର ଥିଲା। ଏହା ଉଦ୍‌ଘାଟନ ନ ହେବାରୁ ରୋଗୀ ହଇରାଣ ହେଉଛନ୍ତି।

### ଏସି ଚାଲୁଛି କାର୍ଯ୍ୟାଳୟରେ ତାଲା

ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସରଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ଝୁଲୁଛି। ଭିତରେ ଏସି ଚାଲୁଛି, ଫ୍ୟାନ ବୁଲୁଛି, ଲାଇଟ ଜଳୁଛି। ଏଭଳି ଘଟଣା ଅଧିକାଂଶ ସମୟରେ ଦେଖିବାକୁ ମିଳୁଛି। ଅଭିଯୋଗ କଲେ ସୁଫଳ ମିଳୁନି। ତେବେ ରୋଗୀଙ୍କ ବେଡ ପାଖରେ କିନ୍ତୁ ଅବ୍ୟବସ୍ଥା ଦୂର ହୋଇପାରୁନି। ୪ଟି ବେଡ ପାଇଁ ଗୋଟିଏ ଫ୍ୟାନ ରହିଛି। କେଉଁଟା ଚାଲୁଛି ତ ଆଉ କେଉଁଟି ଅଚଳ ହୋଇରହିଛି। ରୋଗୀ ଘରୁ ଫ୍ୟାନ ଆଣି ଚିକିତ୍ସିତ ହେଉଛନ୍ତି। ଏଠାରେ ରୋଗୀ ବାଧ ବାଧକତାରେ ଚିକିତ୍ସିତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ପାଟି ଖୋଲିଲେ ରେଫର କରି ଦିଆଯାଉଛି ବୋଲି କୁହାଯାଉଛି।

### ସୁଇଚ ଟିପିଲେ କରେଣ୍ଟ ମାରୁଛି

ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରି ୱାର୍ଡରେ ସୁଇଚ୍ ଟିପିଲେ କରେଣ୍ଟ ମାରୁଛି। ଏଠାରେ ଏସିରୁ ପାଣି ଝରୁଛି। ଏସିର ପାଣି ସୁଇଚ ବୋର୍ଡ ଉପରେ ପଡୁଛି। କେହି ରୋଗୀଙ୍କ ସମ୍ପର୍କୀୟ ସୁଇଚ୍ ଦେଲେ କରେଣ୍ଟ ମାରୁଛି। ସୋମବାର ଓ ମଙ୍ଗଳବାର ସୁଇଚ୍ ମାରିବାକୁ ଯାଇ ୩ ଜଣଙ୍କୁ କରେଣ୍ଟ ମାରିବାରୁ ତଳେ ପଡ଼ିଯାଇଥିଲେ। ହେଲେ ଏହାର ନିରାକରଣ କରାଯାଉନାହିଁ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚିନ୍ମୟ୍



@ ନବଜିଲ୍



@ ନୀଳଚକ୍ର



@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

# ଏବିଡିଓ ସାଢ଼େ ୪ ଘଣ୍ଟା ଅଟକ



ବେରୁଆଁବାରୀ ପଞ୍ଚାୟତରେ ଆବାସରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଅନଶନରେ ବସିଛନ୍ତି।



ଅଟକ ଥିବା ଏବିଡିଓ ସ୍ୱଦେଶ ରଞ୍ଜନ ମିଶ୍ର

- ନୂଆଗାଁ ବ୍ଲକ ଉପାଧକ୍ଷଙ୍କ ହସ୍ତକ୍ଷେପ ପରେ ଛାଡ଼ିଲେ
- ଆମରଣ ଅନଶନର ରୂପ ନେଲା ଧାରଣା
- ଆବାସ ଯୋଜନାରୁ ବାଦ ଦେବା ପର ବଢ଼ୁଛି ବିବାଦ
- ସରପଞ୍ଚଙ୍କ ଭାଇ ଗାଳିଗୁଲଜ ପରେ ଚାପା ଉତ୍ତେଜନା

ନୟାଗଡ଼,୪।୭(ଲୋକନାଥ ମିଶ୍ର)/ ନୂଆଗାଁ(ଧନେଶ୍ୱର ସାହୁ)

ଯୋଗ୍ୟ ହିତାଧିକାରୀ ହୋଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରୁ ବାଦ୍ ପଡ଼ିବା ପରେ ନୂଆଗାଁ ବ୍ଲକ ବେରୁଆଁବାରୀ ପଞ୍ଚାୟତରେ ଧାରଣା ଚାଲୁ ରହିଛି। ଧାରଣା ଗୁରୁବାରଠାରୁ ଚାଲୁ ରହିଥିବାବେଳେ ସୋମବାର ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ନ ଆସିବାରୁ ଆନ୍ଦୋଳନକାରୀ ମଙ୍ଗଳବାରଠାରୁ ଆମରଣ ଅନଶନ କରିଥିଲେ। ଖବରପାଇ ନୂଆଗାଁ ଅତିରିକ୍ତ ବିଡିଓ ସ୍ୱଦେଶ ରଞ୍ଜନ ମିଶ୍ର ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀ ଏବିଡିଓଙ୍କୁ ମଙ୍ଗଳବାର ସନ୍ଧ୍ୟା ୫ଟାରୁ ଅଟକ ରଖିଥିଲେ। ଖବରପାଇ ନୂଆଗାଁ ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନ ସମ୍ପର୍କରେ ଉପଜିଲାପାଳଙ୍କ ସହ କଥା ହୋଇଛନ୍ତି। ଉପଜିଲାପାଳ ତଦନ୍ତରେ ଆସିବେ କହିବା ପରେ ଆନ୍ଦୋଳନକାରୀ ଅତିରିକ୍ତ ବିଡିଓଙ୍କୁ ଛାଡ଼ିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବେରୁଆଁବାରୀ ସରପଞ୍ଚ ସୁଶାନ୍ତ କୁମାର ସାହୁଙ୍କ ଭାଇ ଆନ୍ଦୋଳନକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ପରେ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ନୂଆଗାଁ ଥାନା ପୋଲିସ ପହଞ୍ଚି ସରପଞ୍ଚଙ୍କ ଭାଇଙ୍କୁ ଖୋଜୁଛି। ପରିସ୍ଥିତି ବିଗିଡ଼ି ଚାଲିଛି। ଏ ସମ୍ପର୍କରେ ଅତିରିକ୍ତ ବିଡିଓ ମିଶ୍ର ଓ ବିଡିଓ ସଚିଦାନନ୍ଦ ମିଶ୍ର କୁହନ୍ତି, ଆବାସ ଯୋଜନାରେ ନାଁ କାଟିବା ସମ୍ପର୍କରେ ଅବଗତ ନ ଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ତଦନ୍ତ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ବେରୁଆଁବାରି ପଞ୍ଚାୟତରେ କିଛି ଗରିବ ଲୋକଙ୍କର ନାଁ ଆବାସ ଯୋଜନାରେ ଥିଲା। ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇବାକୁ ଯୋଗ୍ୟ ବିବେଚିତ ବ୍ୟକ୍ତି ହୋଇଥିଲେ ମଧ ସେମାନଙ୍କୁ ଅଯୋଗ୍ୟ ଦର୍ଶାଯାଇ ବାଦ୍ ଦିଆଯାଇଥିଲା। ସେମାନେ ସରକାରଙ୍କ ସବୁ ମାନଦଣ୍ଡକୁ ପୂରଣ କରିଥିବାବେଳେ ଜିଆର୍‌ଏସ୍‌ଙ୍କୁ ଲାଞ୍ଚ ନ ଦେବାରୁ ଅଯୋଗ୍ୟ କରାଯାଇଥିବା ଅଭିଯୋଗ ରହିଛି। ଆବାସ ଯୋଜନାରେ ନାଁ ସାମିଲ କରି କାର୍ଯ୍ୟାଦେଶ ନ ମିଳିଲେ ଆମରଣ ଅନଶନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

# ଭାଷାଗତ ଦୂରତା ଦୂର କରିବ ଅନୁବାଦ

ନୟାଗଡ଼,୪।୭(ଲୋକନାଥ ମିଶ୍ର)

ଭାରତୀୟ ଅନୁବାଦ ସାହିତ୍ୟ ପକ୍ଷରୁ ଅନଲାଇନ୍ ମାଧ୍ୟମରେ ଆୟୋଜିତ ୧୪ତମ ଅନୁବାଦ ସାହିତ୍ୟ ଆଧାରିତ ଆଲୋଚନାଚକ୍ର ଓ ଅନୂଦିତ ବହୁଭାଷୀ କାବ୍ୟପାଠ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଅନୁବାଦକ ପ୍ରଦୀପ କୁମାର ଦାଶ, ଚିତ୍ତରଞ୍ଜନ ବ୍ରହ୍ମା, ମଞ୍ଜୁଲା ଆସ୍ଥାନା ମହାନ୍ତି, ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ଅନୁବାଦର ମୂଳ ଲେଖକ ଏବଂ ଅନୁବାଦକ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ରହିଛି। ଭାରତର ସାଂସ୍କୃତିକ ଏକତା ଦିଗରେ ଅନୁବାଦର ଭୂମିକା ବିଷୟରେ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଭାଷାର ନିଜସ୍ୱ ରୂପ ଓ ଶୈଳୀଗତ ବିଶେଷତା ଅଛି। ଭାରତ ପରି ବହୁଭାଷୀ ରାଷ୍ଟ୍ରରେ ସାମାଜିକ, ସାଂସ୍କୃତିକ, ଆର୍ଥିକ ବିକାଶ କ୍ଷେତ୍ରରେ ଅନୁବାଦର ଭୂମିକା ଗୁରୁତ୍ୱ ବହନ କରୁଛି। ବିଶେଷତଃ ଅନୁବାଦ ଯୋଗୁଁ ଭାଷାଗତ ଦୂରତା ଦୂର ହେଇପାରିଛି। ଅନୁବାଦ ନିମନ୍ତେ ଅନୁବାଦକ ସ୍ରୋତ ଭାଷାର ସାଂସ୍କୃତିକ, ସାହିତ୍ୟିକ, ଐତିହାସିକ ପୃଷ୍ଠଭୂମି ବିଷୟରେ ସମ୍ପୂର୍ଣ୍ଣ ଅବଗତ ରହିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ଭାରତୀୟ ଭାଷାର ଯୁବ ତଥା ବରିଷ୍ଠ ଅନୁବାଦକମାନଙ୍କୁ ନେଇ ମିତା ପଟ୍ଟନାୟକ ଏବଂ ଜୟଶ୍ରୀ ଦୋରାଙ୍କ ସଂଯୋଜନାରେ ଅନୁଦିତ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠରେ ଜାମ୍ମୁ କଶ୍ମୀରରୁ ଡା. ଆଦର୍ଶ ପ୍ରକାଶ, କେରଳରୁ ଡ. ଆର୍. ଶଶୀଧରନ୍, ଆସାମରୁ ଗାୟତ୍ରୀ ଦେବୀ ବୋରଠାକୁର ଓ ଉତ୍ପଳ ଡେକା, କୋଲକାତାରୁ ଶ୍ରୀତନ୍ୟେ ଚକ୍ରବର୍ତ୍ତୀ, ସନାତନ ମହାକୁଡ଼, ମହାରାଷ୍ଟ୍ରରୁ ପାରମିତା ଷଡ଼ଙ୍ଗୀ ଏବଂ ଓଡ଼ିଶାରୁ ଅଂଜୁମନ ଆରା, ସ୍ୱପ୍ନା ବେହେରା, ସଂଗୀତା ରଥ ପ୍ରମୁଖ ବିଭିନ୍ନ ଭାଷାର ଅନୁବାଦ କବିତା ପାଠ କରିଥିଲେ।

## ବ୍ଲକସ୍ତରୀୟ କୃଷି କର୍ମଶାଳା

ଓଡଗାଁ,୪।୭(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିକ୍ଷଣୀୟ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ କର୍ମଶାଳାକୁ ଫାଉଣ୍ଡେଶନ ଫର ଏକୋଲୋଜିକାଲ ସିକ୍ୟୁରିଟି ଆୟୋଜନ କରିଥିଲା। ଏହାକୁ ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ, ବ୍ଲକ କୃଷି ଅଧିକାରିଣୀ, ଇଏଫ୍‌ସ ଅଧିକାରୀ ଓ ଆତ୍ମା ଅଧକ୍ଷ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ନିରନ୍ତର କୃଷି ଦ୍ୱାରା କିଭଳି କୃଷିରେ ପରିବର୍ତ୍ତନ ହୋଇପାରେ ସେ ନେଇ ଆଲୋଚନା ହୋଇଥିଲା। ଦଳଗତ ଆଲୋଚନା ପରେ ଏ ନେଇ ତାଲିକା ପ୍ରକାଶ ପାଇଥିଲା । ଆଗାମୀଦିନରେ କୃଷି ବିଭାଗ ସହ ଅନ୍ୟ କେତେକ ବିଭାଗଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। କର୍ମଶାଳାରେ କୃଷି ମିତ୍ର, କୃଷକ ସାଥୀ, ଗ୍ରାମ ରୋଜଗାର ସେବକ ଓ ହାତ ଗଣତି ନାମକୁ ମାତ୍ର କେତେଜଣ ଅଗ୍ରଣୀ ଚାଷୀ ଓ ମିଶନ ଶକ୍ତି ସଂଘ କର୍ମକର୍ତ୍ତା ଅଂଶଗ୍ରହଣ କରିଥିବା ସୂଚନା ମିଳିଛି।

# କବି ଡ. ସୁରେଶ ବରାଡ଼ଙ୍କୁ ରାଷ୍ଟ୍ରୀୟ ସାହିତ୍ୟ ଶିରୋମଣି ସମ୍ମାନ



କବି ସୁରେଶ ବରାଡଙ୍କୁ ସମ୍ମାନିତ କରାଯାଉଛି।

ଶରଣକୁଳ,୪।୭(ଦୀପକ କର)

ନୟାଗଡ଼ ଜିଲାର ବିଶିଷ୍ଟ କବି, ଲେଖକ, କଥାକାର ଏବଂ ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦର ଉପସଭାପତି ଡ.ସୁରେଶ ଚନ୍ଦ୍ର ବରାଡ଼ଙ୍କୁ ତାଙ୍କର ସାମଗ୍ରିକ ସାହିତ୍ୟ ସାଧନା ପାଇଁ ପଶ୍ଚିମବଙ୍ଗର ଆସାନସୋଲସ୍ଥିତ ନବ୍ୟ ଫାଉଣ୍ଡେଶନ ପକ୍ଷରୁ ସମ୍ମାନ ସୂଚକ 'ରାଷ୍ଟ୍ରୀୟ ସାହିତ୍ୟ ଶିରୋମଣି' ସମ୍ମାନରେ ଭୂଷିତ କରାଯାଇଛି। ଡ.ବରାଡ଼ ୨୨ ଖଣ୍ଡ ବିଭିନ୍ନ ଉପାଦେୟ ପୁସ୍ତକ ରଚନା କରି ନୟାଗଡ଼ ଜିଲ୍ଲାରେ ପ୍ରତିଷ୍ଠିତ କବି ଓ ଲେଖକ ହିସାବରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଏହି ଉପାଦେୟ ପୁସ୍ତକ ଗୁଡ଼ିକ ବିଭିନ୍ନ ବିଦ୍ୟାଳୟ, ଧର୍ମ ଅନୁଷ୍ଠାନ ଏବଂ ଗ୍ରାମ ମାନଙ୍କରେ ଲୋକ ମାନଙ୍କ ମଧ୍ୟରେ ବେଶ ଆଦୃତ ହୋଇ ପାରିଛି। ତାଙ୍କ ସାହିତ୍ୟ ସାଧନାକୁ ଦୃଷ୍ଟିରେ ରଖି ତାଙ୍କୁ ରାଷ୍ଟ୍ରୀୟ ସାହିତ୍ୟ ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିପାଇଁ ମଙ୍ଗଳବାର ଶରଣକୁଳ ନିକଟସ୍ଥ ହରିହରପୁରସ୍ଥ ଗ୍ରୀନ କ୍ଲବ ପରିସର ମଧ୍ୟରେ ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ପ୍ରଦାନ ସ୍ୱରୂପ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଡ.ଗୋବିନ୍ଦ ଚନ୍ଦ୍ର ଦାଶ, ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ସତ୍ୟନାରାୟଣ ମିଶ୍ର, କବି ତଥା ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ନିରାକାର ସ୍ୱାଇଁ ଓ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଡ. ବରାଡ଼ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# କାର୍ଯ୍ୟର ଅନିୟମିତତା, ସ୍ୱଚ୍ଛତା ନେଇ ଅଭିଯୋଗ

### ନୀଳମାଧବ ପୀଠ ବିକାଶ ପ୍ରକଳ୍ପ

- ଉପଜଲାପାଳଙ୍କ ପରିଦର୍ଶନ ପରେ ଜିଲାପାଳ ଆସିଲେ
- ମହାନଦୀ ପରିକ୍ରମା ପ୍ରକଳ୍ପ ସମୀକ୍ଷା କଲେ ଜିଲାପାଳ

ଖଣ୍ଡପଡ଼ା, ୪।୭ (ଅଜୟ କୁମାର ମହାରଣା)

ନୀଳମାଧବ ବିକାଶ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ୧ ତାରିଖରେ ନୟାଗଡ଼ ଉପଜିଲାପାଳ କଷ୍ଣିଲୋ ଆସି ସମ୍ପୃକ୍ତ କାର୍ଯ୍ୟର ସମୀକ୍ଷା କରି ମନ୍ଥରତା ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ। ଉପଜିଲାପାଳଙ୍କ ପରିଦର୍ଶନର ୨ଦିନ ପରେ ମଙ୍ଗଳବାର ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବିକାଶ ପ୍ରକଳ୍ପ କାର୍ଯ୍ୟକ୍ରମ ପରିଦର୍ଶନରେ ଆସିଥିବାବେଳେ ଅଞ୍ଚଳବାସୀ କାର୍ଯ୍ୟରେ ଅନିୟମିତତା, ସ୍ୱଚ୍ଛତାକୁ ନେଇ ଅଭିଯୋଗ କରିଛନ୍ତି।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ଏହି ପୀଠର ବିକାଶ ନିମନ୍ତେ ୨୦୨୨ ଏପ୍ରିଲରେ ରାଜ୍ୟ ସରକାର ୧୦୦ କୋଟିର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ୧୮ ମାସ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୧୪ ମାସ ଅତିବାହିତ ହୋଇଗଲାଣି। ତେବେ ଏହି ପ୍ରକଳ୍ପର କାମ ଧୀର ମନ୍ଥର ଗତିରେ ଚାଲୁଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟ ଆରମ୍ଭରୁ ବିଭିନ୍ନ ଅନିୟମିତତା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଥିବା ବେଳେ କାର୍ଯ୍ୟର ସ୍ୱଚ୍ଛତା ଦିଗରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୀଳମାଧବ ମନ୍ଦିର ଓ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଥିବା ବେଳେ ବିଭିନ୍ନ କାର୍ଯ୍ୟର ଅନିୟମିତତା ସହ ଏହା ସନ୍ତୋଷଜନକ ନୁହେଁ ବୋଲି କଣ୍ଟିଲୋ ଜନସାଧାରଣ ପରିଦର୍ଶନରେ ଆସିଥିବା ନୟାଗଡ଼ ଜିଲାପାଳ ସାହୁଙ୍କୁ ଅବଗତ କରାଇଥିଲେ। ଏହାଛଡ଼ା ଏହି ପ୍ରକଳ୍ପ ସହ ଜଡିତ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ, ଦୟଣାଚୋରି ବଗିଚା, ମନ୍ଦିର ପଶ୍ଚିମ ଦ୍ୱାର, ଉତ୍ତର ଦ୍ୱାରରେ ଚାଲିଥିବା କାର୍ଯ୍ୟ ସହ ମନ୍ଦିର ଉପରେ ଚାଲିଥିବା ପ୍ରକଳ୍ପର ଅନିୟମିତତା ସମ୍ପର୍କରେ ଅଞ୍ଚଳବାସୀଙ୍କ ସହ ନୀଳମାଧବ ପ୍ରେମୀ ଶ୍ରଦ୍ଧାଳୁ ବାରମ୍ବାର କାର୍ଯ୍ୟ ସମ୍ପାଦନ କରୁଥିବା କମ୍ପାନୀ କର୍ମଚାରୀଙ୍କୁ ଜଣାଇ ଆସୁଥିବା ବେଳେ ବିଧି ବ୍ୟବସ୍ଥା କ୍ରମେ ସୂଚନା ଫଳକ ସ୍ଥାପନ କରାଯାଉ ନ ଥିବା ସମ୍ବନ୍ଧରେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ସମ୍ପ୍ରତି ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ପୋଖରୀରେ ପାଣି ଜମି ରହିଛି। ଠାକୁରଙ୍କ ଚନ୍ଦନ ପୋଖରୀର ପଙ୍କ ଉଦ୍ଧାର କାମ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମର ସ୍ୱଚ୍ଛତା ଦୃଷ୍ଟିରୁ ସୂଚନା ଫଳକ ଲଗାଇବାର ଆବଶ୍ୟକତା ରହିଛି। ମାତ୍ର କାର୍ଯ୍ୟନିର୍ବାହୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଶୁଣିବା ପରେ ତୁରନ୍ତ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ସୂଚନା ଫଳକ ଲଗାଇବାକୁ ଜିଲାପାଳ ସାହୁ ଉପସ୍ଥିତ କମ୍ପାନୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ମନ୍ଦିର ପଶ୍ଚିମ ପାର୍ଶ୍ୱ ମହାନଦୀ କୂଳେ କୂଳେ ଉତ୍ତର ଦ୍ୱାର ପର୍ଯ୍ୟନ୍ତ ପ୍ରସ୍ତାବିତ ପରିକ୍ରମା ରାସ୍ତା ସମ୍ପର୍କରେ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାବ୍ୟତିତ ଜିଲାପାଳ ମାଘମେଳା ପଡ଼ିଆ, ଡ୍ରେନ ନିର୍ମାଣ, ଦୟଣାଚୋରି ପ୍ରକଳ୍ପରର ଅଗ୍ରଗତି ବୁଲି ଦେଖିଥିଲେ। ପରିଦର୍ଶନ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଓଡ଼ିଶା ସେତୁ ନିର୍ମାଣ ନିଗମ ନିର୍ବାହୀ ଯନ୍ତ୍ରୀ ତଥା ବରିଷ୍ଠ ପ୍ରୋଜେକ୍ଟ ମ୍ୟାନେଜର ଅନିଶ କୁମାର ପତି, ପ୍ରୋଜେକ୍ଟ ମ୍ୟାନେଜର ଚୈତନ୍ୟ ମାଝି, ବଂଶଲ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଭକ୍ତହରି ଜେନା, ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟ, ବିଡିଓ ଅରୁଣୀମା ସାହୁ, ନୟାଗଡ଼ ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରାଣକୃଷ୍ଣ ବେହେରା, କଣ୍ଟିଲୋ ସେକ୍ସନ ସହକାରୀ ଯନ୍ତ୍ରୀ ରାମମୋହନ ବେହେରା, ପୂର୍ତ୍ତ ବିଭାଗ ନୟାଗଡ଼ ଡିଭିଜନ ସହକାରୀ ନିର୍ବାହୀଯନ୍ତ୍ରୀ ରାଧାଶ୍ୟାମ କାଲୋ ଓ ଖଣ୍ଡପଡ଼ା ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତେବେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ସମ୍ପୃକ୍ତ କାର୍ଯ୍ୟନିର୍ବାହୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଗାମୀ ଦିନରେ ୫-ଟି ସଚିବଙ୍କ ନୟାଗଡ଼ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଥିବାରୁ ସେ ନେଇ ଜିଲା ପ୍ରଶାସନ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ଗସ୍ତ କରୁଥିବା ଜଣାଯାଇଛି।




ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅଧିକାରୀମାନେ ପ୍ରକଳ୍ପ କାମର ସମୀକ୍ଷା କରୁଛନ୍ତି । ନୀଳମାଧବଙ୍କ ଚନ୍ଦନ ପୋଖରୀ ଖନନ କରାଯାଉଛି ।

## ସଂକ୍ଷେପରେ

### ଷଣ୍ଢର ଅନ୍ତିମ ସତ୍କାର



ଯାଜପୁର ସଦର,୪।୭(ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଞ୍ଚାୟତର କୁସୁନପୁର ମା'ତାରାଦେବୀଙ୍କ ପୀଠରେ ଥିବା ଷଣ୍ଢର ଅନ୍ତିମ ସତ୍କାର କରାଯାଇଛି। ୧୮ ବର୍ଷ ତଳେ ଜନ୍ମ ନେଇଥିବା ଏହି ଷଣ୍ଢକୁ ତାରା ନାମରେ ନାମକାରଣ କରାଯାଇ ତତ୍କାଳୀନ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା। କିଛି ଦିନ ହେବ ରୋଗରେ ଆକ୍ରାନ୍ତ ହୋଇ ତାରା ସୋମବାର ଅପରାହ୍ନରେ କୁସୁନପୁରଠାରେ ମୃତ୍ୟୁବରଣ କରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ତାରା ମରଶରୀରକୁ ବାଜା, ବାଣ ଓ କୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଇଥିଲେ। ଶେଷରେ ତାର ଜନ୍ମସ୍ଥାନ ତାରାଦେବୀ ପୀଠ ପରିସରରେ ସମାଧି ଦେଇଥିଲେ। ୧୩ ତାରିଖରେ ତାରାର ଏକାଦଶାହ ଅବସରରେ ଏକ ପଂକ୍ତିଭୋଜନର ଆୟୋଜନ କରାଯିବ ବୋଲି ତତ୍କାଳୀନ ମନ୍ଦିର ପରିଚାଳନା କମିଟି ସଭ୍ୟ ଦଶରଥ ସାହୁ ସୂଚନା ଦେଇଛନ୍ତି।

### ପରିବା ଦରରେ ଲଗାମ ନାହିଁ

ଧର୍ମଶାଳା,୪।୭(ବଟକୃଷ୍ଣ ପରିଡ଼ା ): ମୌସୁମୀ ବର୍ଷା ପରେ ପରିବା ଦର ଆକାଶ ଛୁଆଁ ହୋଇଛି । ବଜାରରେ ଟମାଟୋ କିଲୋପ୍ରତି ୧୦୦ଟଙ୍କା ବିକ୍ରି ହେଉଥିବା ବେଳେ ପୋଟଳ ୧୦୦, ବାଇଗଣ ୬୦,ଭେଣ୍ଡି ୬୦, ଜହ୍ନି ୬୦, କଞ୍ଚାଲଙ୍କା ୧୦୦ ଓ ଝୁଡ଼ୁଙ୍ଗ କିଲୋ ପ୍ରତି ୧୩୦ ଟଙ୍କାରେ ବିକ୍ରି ହେଉଛି। ପରିବା ଦର ଆକାଶ ଛୁଆଁ ହେବା ଫଳରେ ଖାଉଟିମାନେ ଏକ କିଲୋ ଜାଗାରେ ୨୫୦ଗ୍ରାମ ହିସାବରେ ପରିବା କିଣୁଥିବା ଦେଖିବାକୁ ମିଳିଛି । ବର୍ଷା ହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟ ରାଜ୍ୟ ଓ ଜିଲାରୁ ଆସୁଥିବା ପନିପରିବା ଚଢ଼ା ଦରରେ ଆଣି ବେପାରୀମାନେ ଉଚ୍ଚ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ପନିପରିବା ଦର ନିୟନ୍ତ୍ରଣ ବାହାରକୁ ଯାଇଥିବା ବେଳେ ଖାଉଟିମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ନିକଟସ୍ଥ ବାରବାଟୀ ପରିବା ବଜାରରେ ମଡକ ପଡିଯାଇଛି । ସ୍ଥାନୀୟ କିମ୍ବା ବାହାର ଜିଲା ଓ ରାଜ୍ୟରୁ ଆଗଭଳି ଆଉ ପନିପରିବା ଆସୁ ନାହିଁ। ଫଳରେ ବ୍ୟବସାୟୀମାନେ ପ୍ରତିଦିନ ବାରବାଟୀ ପରିବା ବଜାରକୁ ଆସି ଫେରୁଛନ୍ତି । ଚାହିଦା ଅନୁସାରେ ପରିବା ମିଳୁ ନ ଥିବାରୁ ଏପରି ଦର ବଢୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି ।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଧାରଣା

ଯାଜପୁର ସଦର,୪।୭ (ସମର ବିଜୟ ଶରଣ):



ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି।

ଯାଜପୁର ବ୍ଲକ ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତ ଗୋପାଳପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟ ପରିସରରେ ଧାରଣା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ସଭ୍ୟମାନେ ଧାରଣା ଦେଇଛନ୍ତି। ସୂଚନା ମୁତାବକ, ଏହି ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରୁଥିବା ଶ୍ୟାମସୁନ୍ଦର ନାୟକ ଓ ଅରୁଣ କୁମାର ନାୟକଙ୍କ ଅନ୍ୟତ୍ର ବଦଳି କରାଯାଇଛି। ପ୍ରତି ବଦଳରେ କୌଣସି ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କୁ ଏଠାରେ ନୂତନ ଭାବେ ନିଯୁକ୍ତି କରାଯାଇନାହିଁ। ତେଣୁ ନୂତନ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ୨ ଶିକ୍ଷକଙ୍କୁ ଏଠାରୁ ବଦଳି କରାଯାଇ ପାରିବ ନାହିଁ ବୋଲି ଅଭିଭାବକ ଜିଦ୍ ଧରିଛନ୍ତି। ଏ ସମ୍ପର୍କରେ ଯାଜପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବାକୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଲୋକେ ବ୍ଲକ ଉପଶିକ୍ଷା ଅଧିକାରୀଙ୍କୁ ଧାରଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ ସେ ଜାଣି ଅଜଣା ହୋଇ ଚୁପ ରହିଥିଲେ। ଧାରଣାସ୍ଥଳକୁ କୌଣସି ଅଧିକାରୀ ନ ଆସିବା ଘଟଣାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦୟ ଶତପଥୀ, ଉପସଭାପତି ପୁଷ୍ପଲତା ମଲିକ, ସଭ୍ୟ ଜଗବନ୍ଧୁ ମଲିକ, ପ୍ରମୋଦିନୀ ଖଣ୍ଡାଇ, ସୁଶାନ୍ତ ବେହେରା, ଶ୍ରୀଧର ଜେନା, ଚାନ୍ଦମଣି ବାରିକ, ସ୍ନେହପ୍ରଭା ମହାନ୍ତି ଓ ବହୁ ଅଭିଭାବକ ନିନ୍ଦା କରିବା ସହ ତୁରନ୍ତ ବିଦ୍ୟାଳୟର ଆବଶ୍ୟକ ଅନୁଯାୟୀ ନୂତନ ଭାବେ ୩ ଜଣ ଶିକ୍ଷକ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ତାଲୁକ ଆଇନସେବା କମିଟି ପକ୍ଷରୁ ଚାରା ରୋପଣ

ବଡ଼ଚଣା,୪।୭(ଦିଲୀପ ମହାନ୍ତି):

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଚଣ୍ଡିଖୋଲ ନିକଟସ୍ଥ ଜନକଲ୍ୟାଣ ଉଚ୍ଚବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାନେତ୍ରୀ ରେଣୁବାଳା ମହାନ୍ତି, ଆଇନଜୀବୀ ନଳିନିକାନ୍ତ ମିଶ୍ର, ଶଶାଙ୍କ ଶତପଥୀ, ପବିତ୍ର କର, ସମ୍ବିତ ମହାପାତ୍ର, ତୁଷାର ନାୟକ, ନଗେନ୍ଦ୍ର ପାତ୍ର, ହେମନ୍ତ ମହାଲା, ସୁନୀଲ କୁମାର ଜେନା, ବାବାଜୀ ସାମଲ, ସାଂସ୍କୃତିକ ସମ୍ପାଦକ ବିରେନ ବିଶ୍ୱାଳ, କୁମର ବେହେରା, ଶ୍ୟାମ ପ୍ରସାଦ ଦାସ, ସୁଦର୍ଶନ ଘଡ଼େଇ, କ୍ରୀଡ଼ା ସମ୍ପାଦକ ଜ୍ୟୋତି ଶଙ୍କର ମହାପାତ୍ର, ଯୁଗ୍ମ ସମ୍ପାଦକ ତଥା କୋର୍ଟ ରିପୋର୍ଟର କିଶୋର କୁମାର ନାୟକ, ପାଠାଗାର ସମ୍ପାଦକ ତଥା ସ୍କୁଲ ପରିଚାଳନା କମିଟି ସଭାପତି ଦିନବନ୍ଧୁ ନାୟକ, ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ବାରିକ, ପ୍ରମୋଦ କୁମାର ମହାନ୍ତି ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ପରିଚାଳନା କମିଟି ସଭ୍ୟା ସଭ୍ୟ ଉପସ୍ଥିତ ରହି ସ୍କୁଲ ପରିସରରେ ଶତାଧିକ ଫଳ,ଫୁଲ ଓ ଔଷଧୀୟ ଚାରା ରୋପଣ କରିଥିଲେ।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ଧର୍ମଶାଳା,୪।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ସୁନ୍ଦୁରିଆ ପଞ୍ଚାୟତ ହରିଦେଇପୁର ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଦୁର୍ଗା ସାହୁଙ୍କ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଦୁର୍ଗାଙ୍କ ୫୦ ହଜାରରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଥିବା ଜଣାପଡିଛି। ବିଦ୍ୟୁତ ସଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ନେଉଳପୁର ଆରଆଇ ଅଗ୍ନିବିପନ ପରିବାରକୁ ପଲିଥିନ ପ୍ରଦାନ କରିଥିବାବେଳେ କ୍ଷୟକ୍ଷତି ଆକଳନ କରି ଧର୍ମଶାଳା ତହସିଲଦାରଙ୍କୁ ଅବଗତ କରିଛନ୍ତି। ବିପନ୍ନ ପରିବାରକୁ ଆବାସ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ଲୁହା ପାଣି ପାଇପ୍ ତଳେ ଚାପି ହୋଇ ନାବାଳକଙ୍କ ମୃତ୍ୟୁ

ଯାଜପୁର ଟାଉନ,୪।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

**ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା**

ଯାଜପୁର ଥାନା ଅନ୍ତର୍ଗତ ସାନସୁଆର ପଞ୍ଚାୟତ ବଇଭୁଇଁ ଗ୍ରାମରେ ଲୁହା ପାଣି ପାଇପ୍ ତଳେ ଚାପିହୋଇ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାନସୁଆର ପଞ୍ଚାୟତ ବଇଭୁଇଁ ଗ୍ରାମର ମହେଶ୍ୱର ଜେନାଙ୍କ ୭ବର୍ଷର ପୁଅ ଗୁଡୁ ଜେନା। ସେ ମଙ୍ଗଳବାର ସନ୍ଧ୍ୟାରେ ନିଜ ଘର ପାଖରେ ସାଙ୍ଗମାନଙ୍କ ଖେଳୁଥିବା ସମୟରେ ସେଠାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ପାଇଁ ଗଚ୍ଛିତ ଥିବା ପାଣିପାଇପ ତାଙ୍କ ଉପରେ ପଡିଯାଇଥିଲା। ଗୁଡୁ ପାଣିପାଇପ ତଳେ ଚାପି ହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟଲୋକେ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲାବେଳେ ଶହଶହ ଲୁହା ପାଇପ୍ ଜମା ହୋଇ ରହିଥିଲେ ମଧ୍ୟ ତା'ର ଚାରିକଡରେ କୌଣସି ଅବରୋଧ କରାଯାଇନାହିଁ। ଫଳରେ ଗ୍ରାମର ଛୋଟ ପିଲାମାନେ ଏହି ପାଣି ପାଇପ୍ ଉପରେ ବିପଦପୂର୍ଣ୍ଣ ଭାବେ ଖୋଳାଖେଳି କରୁଛନ୍ତି। ଯେଉଁଥି ପାଇଁ ଏଭଳି ଘଟଣା ଘଟି ଗୁଡୁଙ୍କ ମୃତ୍ୟୁ ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗୁଡୁଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀମାନଙ୍କ ପକ୍ଷରୁ ଦାବି ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

### କାଉନସିଲରଙ୍କ ପିତୃ ବିୟୋଗ



କାଳନ୍ଦୀ ଚରଣ ସାହୁ

ଯାଜପୁରରୋଡ୍,୪।୭(ପବିତ୍ର ମହାନ୍ତି):

ବ୍ୟାସନଗର ପୌର ପରିଷଦ ଅଧୀନ ୯ନଂ. ୱାର୍ଡ କାଉନସିଲର ମଣିନ୍ଦ୍ର କୁମାର ସାହୁଙ୍କ ପିତା କାଳନ୍ଦୀ ଚରଣ ସାହୁଙ୍କ ସୋମବାର ରାତି ପ୍ରାୟ ୧୦ଟାରେ ଚୋରଦାସ୍ଥିତ ବାସଭବନରେ ବିୟୋଗ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। କିଛି ଦିନ ହେବ ତାଙ୍କର ଶରୀର ଅସୁସ୍ଥ ଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାର ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କାଉନସିଲର ସିଦ୍ଧାର୍ଥ ସାମଲ, କିଶୋର ବଳ, ପ୍ରଭାତ କୁମାର ସାହୁ, ଅଶୋକ କୁମାର ଦାସ, ପ୍ରମୋଦ ରାଉତ, ନରେନ୍ଦ୍ର ରାଉତ ଓ ବିବେକାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଦୁର୍ଗା ପ୍ରସାଦ ସାହୁ ମୁଖାଗ୍ନି ଦେଇଥିଲେ। ମଙ୍ଗଳବାର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ପହଞ୍ଚି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ରାଜ୍ୟସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କ ପରିବାରକୁ ଫୋନ୍ ଯୋଗେ ସମବେଦନା ଜଣାଇଛନ୍ତି।

# ସଦାବ୍ରତ ମଠରେ ଗୁରୁପୂର୍ଣ୍ଣିମା

ଯାଜପୁର ରୋଡ୍,୪।୭(ପବିତ୍ର ମହାନ୍ତି):

ଯାଜପୁରରୋଡ୍ ସନ୍ନିକଟ ଭିକିପୁର ଗ୍ରାମରେ ଥିବା ସର୍ବ ପୁରାତନ ଶ୍ରୀଶ୍ରୀ ଗୋପାଳ ଜୀଉ ସଦାବ୍ରତ ମଠରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମଠ ପରିଚାଳକ ଗୁରୁଜୀ ଦିନ୍‌ଦୟାଲ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି ଅବସରରେ ମଠର ବାବା ସୀତାରାମ ଦାସଙ୍କ ଷଷ୍ଠ ପୁଣ୍ୟତିଥି ପାଳନ କରାଯାଇଥିଲା। ପ୍ରାତଃ ସମୟରୁ ମହାପୁରୁଷଙ୍କ ସମାଧି ସ୍ଥଳ ଶୋଧନ, ସ୍ନାନ, ପୂଜା ପାଠ ସହ ଭକ୍ତଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ କରାଯାଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମଠରେ ଅଧିଷ୍ଠିତ ଶ୍ରୀଶ୍ରୀ ଗୋପାଳ ଜୀଉଙ୍କ ନିକଟରେ ବିଭିନ୍ନ ପ୍ରକାର ନୈବେଦ୍ୟ ଅର୍ପଣ କରାଯିବା ସହ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ ଗୋରଖ ବାବା, ରାଜେନ୍ଦ୍ର ଶର୍ମା, ଯଶୋବନ୍ତ ସାହୁ, ମହେନ୍ଦ୍ର ଜେନା, ବଳରାମ ଜେନା, ଗଣେଶ୍ୱର ସାହୁ, ସଞ୍ଜୀବ କୁମାର ରାୟ, ସୁରେଶ ଶର୍ମା, ପବିତ୍ର ମହାନ୍ତି, ଶ୍ୟାମସୁନ୍ଦର ପାଢ଼ୀ ଓ ବେଣୁଧର ପୃଷ୍ଟି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଶିକ୍ଷକଙ୍କ ବଦଳିକୁ ବିରୋଧ



ନିଶିମଳାସ୍ଥିତ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରେ ବସିଛନ୍ତି ।

ଚଣ୍ଡିଖୋଲ,୪।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ନିଶିମଳାସ୍ଥିତ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁଲତା ବିଶ୍ୱାଳ ଓ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ଅନ୍ୟତ୍ର ବଦଳି ପ୍ରତିବାଦରେ ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି ।

ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟର ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏପରିକି ଅନ୍ୟ ଶିକ୍ଷକଙ୍କୁ ମଧ୍ୟ ବିଦ୍ୟାଳୟ ଭିତରକୁ ଛାଡି ନ ଥିଲେ। ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବାଶିଷ ମଲିକ ଓ ସିଆର୍‌ସିସି ଦୀପ୍ତି ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ଡାକି ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ବଦଳି ସମ୍ପର୍କରେ ଆଲୋଚନା କରିବେ ଓ ଆବଶ୍ୟକ ପଡିଲେ ଶିକ୍ଷୟିତ୍ରୀ ମଞ୍ଜୁଲତାଙ୍କ ବଦଳି ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବନ ମହୋତ୍ସବ ସପ୍ତାହରେ ଚାରାରୋପଣ



ବନ ମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ କରାଯାଉଛି ।

ଛତିଆ,୪।୭(ସୌମ୍ୟ ରଞ୍ଜନ ସାହୁ):

ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ କଟକ ବନଖଣ୍ଡର ଡାଳିଯୋଡା ବନାଞ୍ଚଳ ଅନ୍ତର୍ଗତ ସାତଲଣ୍ଡି ପ୍ରାଥମିକ ସଂରକ୍ଷିତ ଜଙ୍ଗଲରେ ଏକ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ମନୋରଞ୍ଜନ ସ୍ୱାଇଁ, ଅନ୍ୟ ଅତିଥିଭାବେ ବୈରୀ ରେଞ୍ଜର ଅଭିରାମ ଜେନା, ଖବରଦାତା ଜୟକାନ୍ତ ରାଉତ ଓ ରତ୍ନାକର ପ୍ରଧାନ ଯୋଗଦେଇ ଉପସ୍ଥିତ ଗ୍ରାମ ସୁରକ୍ଷା ସମିତିର ସଭ୍ୟାସଭ୍ୟଙ୍କୁ ଦିବସର ମୁଖ୍ୟ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ବୈରୀ ଫରେଷ୍ଟର ମାଣିକ ମୁଣ୍ଡା ପରିଚାଳନା କରିଥିଲେ। ଏହି ଜଙ୍ଗଲ ମଧ୍ୟରେ ୫୦ ହଜାର ଆମ୍ବ, ବର, ପଣସ, ଓସ୍ତ, ନିମ୍ବ ଓ ଫାସୀ ଆଦି ଉପକାରୀ ଚାରା ଲଗାଯିବ ବୋଲି ସୂଚନା ମିଳିଛି।

# ମହର୍ଷି ବ୍ୟାସଦେବଙ୍କ ଜନ୍ମୋତ୍ସବ ପାଳିତ

ଯାଜପୁରରୋଡ଼,୪।୭(ପବିତ୍ର ମହାନ୍ତି):



ବ୍ୟାସ ଜନ୍ମୋତ୍ସବ ସମିତି ସଦସ୍ୟଙ୍କ ସହ ପୌର ନିର୍ବାହୀ ଅଧିକାରୀ ।

ପବିତ୍ର ଆଷାଢ଼ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ସୋମବାର ସ୍ଥାନୀୟ ବ୍ୟାସସରୋବର ରାଘୁଜୀ ପୀଠରେ ମହର୍ଷି ବ୍ୟାସଦେବଙ୍କ ଜନ୍ମୋତ୍ସବ ବ୍ୟାସ ଜନ୍ମୋତ୍ସବ ପାଳନ ସମିତି ଓ ବ୍ୟାସନଗର ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସେବକ ଗୌରହରୀ ଦାଶଙ୍କ ଦ୍ୱାରା ମହର୍ଷି ବ୍ୟାସଦେବ ଓ ରାଘୁଜୀ ଗୋସାଇଁଙ୍କ ବିଶେଷ ପୂଜାପାଠ କରାଯିବା ପରେ ସମିତିର ଆବାହକ ଜ୍ଞାନରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ବ୍ୟାସଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବେଦର ବିଭାଗକର୍ତ୍ତା ଓ ଅଷ୍ଟାଦଶ ପୁରାଣର ପ୍ରଣେତା ମହର୍ଷି ବ୍ୟାସଦେବଙ୍କ ମାନବ ଜାତିପ୍ରତି ରହିଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବ୍ୟାସ ହେଉଛନ୍ତି ସାରା ଜଗତର ଗୁରୁ ଓ ପଥ ପ୍ରଦର୍ଶକ। ବ୍ୟାସଙ୍କ ନାମରେ ନାମିତ ବ୍ୟାସନଗର ସହରର ଜନସାଧାରଣ ବ୍ୟାସଙ୍କ ପ୍ରଦର୍ଶିତ ମାର୍ଗରେ ଅନୁପ୍ରାଣିତ ହୋଇ ଆଗକୁ ପାଦ ବଢାଇଲେ ଏହି ଅଞ୍ଚଳର ଉନ୍ନତି ସୁନିଶ୍ଚିତ ବୋଲି ମହାପାତ୍ର କହିଥିଲେ। ଆଡଭୋକେଟ ଚନ୍ଦ୍ରଶେଖର ପଣ୍ଡା ବ୍ୟାସସରୋବର ପୀଠର ପୌରାଣିକ କିମ୍ବଦନ୍ତୀ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୀରକିଶୋର ସାହୁ, ସୁରେନ୍ଦ୍ର ନାଏକ, ସତ୍ୟଜିତ ଶତପଥୀ, ଅଚ୍ୟୁତାନନ୍ଦ ଦାସ, ହେମନ୍ତ ଧୀର, ବସନ୍ତ କୁମାର ପାତ୍ର,ଅସିତ କୁମାର ଦାସ, ଗୌରହରି ମହାଳିକ ଓ ଉଦୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପୌର ପରିଷଦ କର୍ମଚାରୀ ରତ୍ନାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ ଡାକ୍ତରଙ୍କ ଯୋଗଦାନ

ସିଂହପୁର,୪।୭ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୁଇ ବର୍ଷ ହେବ ଲୋକାର୍ପଣ ପରେ ନୂତନ ଭାବେ ଡାକ୍ତର ପ୍ରିୟଦର୍ଶନ ମିଶ୍ର ଯୋଗଦାନ କରିଛନ୍ତି। ବିଳମ୍ବ ହେଲେ ମଧ୍ୟ ଡାକ୍ତର ନିଯୁକ୍ତି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ନୂତନ ଡାକ୍ତର ମିଶ୍ର ଅଞ୍ଚଳବାସୀଙ୍କୁ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଏହି ଅବସରରେ ଡାକ୍ତର ମିଶ୍ରଙ୍କୁ ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକଙ୍କ ନେତୃତ୍ୱରେ ନିରଞ୍ଜନ ଦାସ, ଘନଶ୍ୟାମ ଦାସ, ଅଜୟ ଓଝା, ପ୍ରଦୀପ କୁମାର ଜେନା, କୃଷ୍ଣଚନ୍ଦ୍ର ଥାଟୋଇ, ନାରାୟଣ ଚନ୍ଦ୍ର ଦାସ, ତ୍ରିଲୋଚନ ରାଉତ, ରାମଚନ୍ଦ୍ର ମହାକୁଡ଼, ମେଘନାଦ ମହାଳିକ, କଳାକର ପାତ୍ର, ସହଯୋଗୀ ଯୁବକର୍ମୀ ଜ୍ଞାନେନ୍ଦ୍ର ବେଉରିଆ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଡାକ୍ତର ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଛନ୍ତି। ଏଥିରେ କର୍ମଚାରୀ ଶଶିକାନ୍ତ ଜେନା ଓ ବୈକୁଣ୍ଠ ଦାସ ସହାୟତା ପ୍ରଦାନ କରିଥିଲେ।

# ଅସହାୟ ଅବସ୍ଥାରେ ସୁମିତ୍ରାଙ୍କ ପରିବାର

**ସହାୟତା ପାଇଁ ନିବେଦନ**

କାଏମା,୪।୭(ଶିବପ୍ରସାଦ ମହାନ୍ତି):



ଅସହାୟ ସୁମିତ୍ରା ଓ ତାଙ୍କ ଦୁଇ ପିଲା ।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତ ଦଳିତସାହିର ସୁମିତ୍ରା ମଳିକଙ୍କ ପରିବାର ଅସହାୟ ଅବସ୍ଥାରେ ରହିଛନ୍ତି। ଏହି ପରିବାରରେ ସମୁଦାୟ ୬ଜଣ ସଦସ୍ୟ। ସୁମିତ୍ରା, ତାଙ୍କ ସ୍ୱାମୀ ଗୌରାଙ୍ଗ, ପିଲା ୩ ଜଣ ଏବଂ ସୁମିତ୍ରାଙ୍କ ଶାଶୁ। ଅଭାବୀ ପରିବାରରେ ବଖରାଏ ଘରକୁ ଛାଡ଼ିଦେଲେ ଆଉ କିଛିନାହିଁ। ସରକାରୀ ସହାୟତାରେ ଚାଉଳ କେବଳ ୫ଜଣଙ୍କୁ ୨୫ କିଲୋ ମିଳୁଛି। ତାଙ୍କର ପୁଅଙ୍କୁ ଏ ଯାଏ ଚାଉଳ ମିଳିପାରିନାହିଁ। ଗୌରାଙ୍ଗ ମୂଳ ମଜୁରି ଲାଗି ପରିବାର ଚଳାଉଥିଲେ। ହେଲେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ସୁମିତ୍ରା ତାଙ୍କୁ ଠିକ୍ କରିବା ପାଇଁ ସଞ୍ଚୟ କରିଥିବା ସମସ୍ତ ଟଙ୍କା ଖର୍ଚ୍ଚ କରିଦେଲେ। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଫଳରେ ଦୀର୍ଘ ୪ବର୍ଷ ହେଲା ମାନସିକ ରୋଗରେ ପୀଡ଼ିତ ହୋଇ ବିଛଣାରେ ପଡ଼ି ରହିଛନ୍ତି ଗୌରାଙ୍ଗ। ଏହାପରେ ସୁମିତ୍ରା ପରିବାର ସଦସ୍ୟଙ୍କ ଜୀବନ ବଞ୍ଚାଇବାରେ ଲାଗି ପଡ଼ିଛନ୍ତି। ସେ ଏବେ ମଜୁରୀ ଲାଗି ପରିବାର ଚଳାଉଛନ୍ତି। ହେଲେ ତାଙ୍କୁ ସବୁ ଦିନ କାମ ମିଳୁନି। ସେଥିପାଇଁ କେବେକେବେ ତାଙ୍କ ପରିବାର ଓଳିଏ ଖାଇ ଓଳିଏ ଉପବାସ ରହୁଛନ୍ତି। ଗୌରାଙ୍ଗଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଥିଲେ ବି ଆଜି ଯାଏ ଭତ୍ତାଟିଏ ମିଳି ପାରିନାହିଁ। ସେ ବାରମ୍ବାର ପ୍ରଶାସନ ପାଖେ ନେହୁରା ହୋଇ କହିବା ପରେ ବି ବିଫଳ ହୋଇଛନ୍ତି। ତେଣୁ ଭତ୍ତାଟିଏ କରିଦେବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି। ଉକ୍ତ ପରିବାରର ଏପରି ପରିସ୍ଥିତିକୁ ଦେଖି ଅସହାୟ ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିବାବେଳେ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ସାହାଯ୍ୟର ହାତ ବଢ଼ାଇଥିବା ସୁମିତ୍ରା କହିଛନ୍ତି। ତେଣୁ ସରକାର ସହାୟତାର ହାତ ବଢ଼ାଇବାକୁ ସୁମିତ୍ରା ନିବେଦନ କରୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଅତୁଲ ମଳିକ କହିଛନ୍ତି, ସୁମିତ୍ରାଙ୍କ ପରିବାର ବିଷୟରେ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ଆସି ତାଙ୍କ ସମସ୍ୟା ବୁଝିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ। ଏ ନେଇ ପ୍ରତିକ୍ରିୟା ପାଇଁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଜାତୀୟ ଭଲିବଲ ଟିମ୍‌ରେ କେନ୍ଦ୍ରାପଡ଼ା ଖେଳାଳି ରାଜା




**କେନ୍ଦ୍ରାପଡ଼ା, ୪।୭ (ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଯୁଥ ଭଲିବଲ ଏକାଡେମୀର ଖେଳାଳି ମହମ୍ମଦ ରାଜା ଜାତୀୟ ଟିମରେ ସ୍ଥାନ ପାଇଛନ୍ତି। ସେ ଆସନ୍ତା ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ବାହାରିନର ମାନମାଠାରେ ଆୟୋଜିତ ୨୧ବର୍ଷରୁ କମ୍ ପୁରୁଷ ଭଲିବଲ ବିଶ୍ୱ ଚାମ୍ପିୟନ ଶିପରେ ଟିମ୍ ପାଇଁ ଭାରତ ପକ୍ଷରୁ ଖେଳାଳି ଭାବେ ଚୟନ ହୋଇଛନ୍ତି। ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ରାଜାଙ୍କର ଚୟନ ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଜିଲା କ୍ରୀଡା ବିଭାଗ ସମ୍ପାଦକ ତଥା ଜିଲା ଟେନିସ ବଲ କ୍ରିକେଟ ଆସୋସିଏଶନର ସମ୍ପାଦକ ଜ୍ୟୋତିର୍ମୟ ଦାସ କହିଛନ୍ତି, ଜାତୀୟ ଦଳର ୧୬ ଜଣିଆ ଟିମରେ ସାମିଲ ହୋଇଥିବାରୁ ଆସନ୍ତା ବିଶ୍ୱ ଚାମ୍ପିୟନ ଶିପରେ ଖେଳିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। କଠିନ ପରିଶ୍ରମକୁ ବିଶ୍ୱାସ ରଖୁଥିବା ରାଜା କେନ୍ଦ୍ରାପଡ଼ା ମାଟି ପାଇଁ ଅନେକ ସମ୍ଭାବନା ଆଣିଛନ୍ତି। ଏହି ଜିଲାର ଖେଳାଳିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ତାଙ୍କର ଉନ୍ନତି ଜିଲା ପାଇଁ ଗୌରବ ଆଣିବ ବୋଲି ଦାସ କହିଛନ୍ତି। ଖେଳାଳି ରାଜାଙ୍କୁ ଜିଲା ପ୍ରଶାସନ, ଜିଲା କ୍ରୀଡା ସଙ୍ଗଠନ, ଭଲିବଲ ଆସୋସିଏଶନ ଆଦି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ତାଙ୍କର ଶୁଭ ମନାସୀ ଶୁଭେଚ୍ଛା ଜଣାଇଛନ୍ତି।

### ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ବନ ମହୋତ୍ସବ

**ବିରିଡି,୪।୭(ପ୍ରଶାନ୍ତ କୁମାର ରାଉତ):** ବିରିଡି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଠାରେ ଥିବା ପୁରାତନ ଶିକ୍ଷାନୁଷ୍ଠାନ ଅଳକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ୧୯୭୯ ବ୍ୟାଚ ବିଦ୍ୟାର୍ଥୀମାନଙ୍କୁ ନେଇ ବିଦ୍ୟାଳୟ ପରିସରରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ତତ୍‌ସହିତ ବିଦ୍ୟାଳୟ ପରିସରକୁ ସଫାକରି ପରିଷ୍କାର କରାଯାଇଥିଲା । ପୁରାତନ ବିଦ୍ୟାର୍ଥୀ ପ୍ରମୋଦ କୁମାର ହୋତାଙ୍କ ନେତୃତ୍ୱରେ ନନ୍ଦକିଶୋର ହୋତା, ପ୍ରବୋଧ କୁମାର ରାଉତ, ବିଜୟରାମ ପଣ୍ଡା, ଅଜୟ ଭୋଇ, ଗୋପାଳ ପଟ୍ଟନାୟକ, ବାବାଜୀ ଭୋଇ, ଜଗନ୍ନାଥ ଭୋଇ, ଆୟୁବ ସାହା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାରର ଫୁଲଗଛ ଏବଂ ଔଷଧୀୟ ଚାରାରୋପଣ କରିଥିଲେ। ବନବିଭାଗ ପକ୍ଷରୁ ବିଦ୍ୟାଳୟର ନୂତନ ଗୃହ ପଛପଟେ ଆସନ୍ତା ୭ ତାରିଖରେ ବିଭିନ୍ନ ଚାରାରୋପଣ କରାଯିବ ବୋଲି ବିଦ୍ୟାର୍ଥୀମାନେ କହିଛନ୍ତି ।

# ବିପିସିଙ୍କୁ ଘେରିଲେ ପଞ୍ଚାୟତ ବିଏଲ୍‌ଏଫ୍ କର୍ମକର୍ତ୍ତା

- ଡେରାବିଶ ମିଶନଶକ୍ତିର ବିବାଦ ତୁଟିନି
- ବିଏଲ୍‌ଏଫ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଫାଟ
- ତାଲାବନ୍ଦ କୋଠରିରେ ୧୮ ଜଣଙ୍କ ଭାଗ୍ୟ

**ଡେରାବିଶ, ୪।୭ (ବେବର୍ତ୍ତା ଅଜୟ ଦାସ)**


ପଞ୍ଚାୟତ ଫେଡେରେଶନ୍ କର୍ମକର୍ତ୍ତାଙ୍କ ବିପିସି କାର୍ଯ୍ୟାଳୟରେ ଧାରଣା।

ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ର ଚୟନକୁ ନେଇ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଡେରାବିଶ ବ୍ଲକ ମିଶନଶକ୍ତି ବିଭାଗରେ ବିବାଦ ଲାଗି ରହିଛି। ବିଭାଗର ସମସ୍ତ ନିୟମକୁ ଉଲ୍ଲଂଘନ କରି ବିଏଲଫ୍‌ର କର୍ମକର୍ତ୍ତା ଆରମ୍ଭ କରିଥିବା ଚୟନ ପ୍ରକ୍ରିୟା ଆଇସିଆର୍‌ପି ଯୋଗ୍ୟତା ପ୍ରମାଣପତ୍ରକୁ ନେଇ ଅଟକି ରହିଥିଲା । ପୁଣି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇ ୧୭୦ ଜଣ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ର ପଦବୀ ମଧ୍ୟରୁ ୧୫୨ ଜଣଙ୍କ ନାମ ତାଲିକା ଜୁନ୍ ୩ରେ ଘୋଷଣା କରାଯାଇଥିଲା। ଅବଶିଷ୍ଟ ୧୮ ଜଣ ପ୍ରାର୍ଥୀଙ୍କ ଆବେଦନ ଫର୍ମରେ ତ୍ରୁଟିଥିବା ଦର୍ଶାଇ ଜୁନ୍ ୩ରେ ଜିଲାପାଳଙ୍କ ବିଚାର ପାଇଁ ପଠାଯାଇଥିଲା । ୩ରୁ୪ ଦିନ ମଧ୍ୟରେ ଜିଲା କାର୍ଯ୍ୟାଳୟ ପକ୍ଷରୁ ଏମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ପ୍ରାର୍ଥୀ ଘୋଷଣା ହେବାକୁ ଥିବା ବେଳେ ପଠାଯାଇଥିବା ତାଲିକାରେ ସମ୍ପୃକ୍ତ ୧୮ଜଣଙ୍କ ନାମ ସହ ଚୟନ ସମୟରେ ବିଏଲ୍‌ଏଫ୍ ପକ୍ଷରୁ ଦିଆଯାଇଥିବା ମାର୍କ ପଠାଇ ବିଏଲ୍‌ଏଫ୍ ଓ ବିପିସି ସେମାନଙ୍କ କାର୍ଯ୍ୟ ସାରି ଦେଇଥିଲେ। ତେବେ ଏହି ପ୍ରାର୍ଥୀଙ୍କ ଡକୁମେଣ୍ଟ ଦିଆଯାଇ ନ ଥିବାରୁ ଜିଲା କାର୍ଯ୍ୟାଳୟ ପକ୍ଷରୁ ଏଥିରେ ବିରକ୍ତି ପ୍ରକାଶ କରି ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ପାରି ନ ଥିଲା । ଅପରପକ୍ଷରେ ଜୁନ୍ ୩ରୁ ବ୍ଲକ କାର୍ଯ୍ୟାଳୟରେ ଥିବା ମିଶନଶକ୍ତି ବିଭାଗର ବିଏଲ୍‌ଏଫ୍ ବିଭାଗର ପ୍ରକୋଷ୍ଠକୁ ଜଣେ ବରିଷ୍ଠ କର୍ମକର୍ତ୍ତା ତାଲା ପକାଇ ଚାବି ନେଇ ଯାଇଥିବାରୁ ପଠାଯାଇଥିବା ୧୮ ପ୍ରାର୍ଥୀଙ୍କ ଡକୁମେଣ୍ଟ ପଠାଇବାରେ ବିଳମ୍ବ ହେଉଛି ବୋଲି ମିଶନଶକ୍ତିର ବିପିସି କୈଳାସ ଚନ୍ଦ୍ର ବାରିକ କହିଥିଲେ। ଗତ ସପ୍ତାହରେ ଆବେଦନକାରୀ ୧୮ ପ୍ରାର୍ଥୀ କାହିଁକି ସେମାନଙ୍କ ନାମକୁ ଘୋଷଣା ନ କରାଯାଇ ସ୍ଥଗିତ ରଖାଯାଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏଥିରେ ବିରକ୍ତି ପ୍ରକାଶ କରି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପିଡି ରାଜେନ୍ଦ୍ର ପଣ୍ଡା ଜୁନ୍ ୨୮ ତାରିଖ ସୁଦ୍ଧା ସମ୍ପୃକ୍ତ ପ୍ରାର୍ଥୀଙ୍କ ଆବେଦନ ଫର୍ମ ସହ ସମସ୍ତ ଡକୁମେଣ୍ଟ ଜିଲା କାର୍ଯ୍ୟାଳୟକୁ ତୁରନ୍ତ ପଠାଇବାକୁ ଡେରାବିଶ ବିଡିଓଙ୍କ ମାଧ୍ୟମରେ ବିଏଲ୍‌ଏଫ୍ ସଭାପତି, ସମ୍ପାଦିକାଙ୍କୁ ଦେଇଥିଲେ। ମାତ୍ର ମାସାଧିକ କାଳ ହେବ ବିଏଲ୍‌ଏଫ୍ ପ୍ରକୋଷ୍ଠରେ ତାଲା ଝୁଲି ରହିଥିବାରୁ ଡକୁମେଣ୍ଟ ପଠାଇବା ସମ୍ଭବ ହୋଇପାରିନାହିଁ ବୋଲି ବିପିସି ବାରିକ କହିବା ସହ ନିଜର ଅସହାୟତା ପ୍ରଦର୍ଶନ କରିଥିଲେ। ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ମଧ୍ୟ ଜିଲା କାର୍ଯ୍ୟାଳୟକୁ ଡକୁମେଣ୍ଟ ପଠା ଯାଇ ନ ଥିବାରୁ ସମ୍ପୃକ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ନେଇ ଅନିଶ୍ଚିତତା ଦେଖାଦେଇଛି।

ମଙ୍ଗଳବାର ବ୍ଲକ ଅଧୀନ ୨୬ ଟି ପଞ୍ଚାୟତ ମଧ୍ୟରୁ ୨୨ଟି ପଞ୍ଚାୟତର ଫେଡେରେଶନ୍‌ର କର୍ମକର୍ତ୍ତାମାନେ ବିଏଲ୍‌ଏଫ୍ ପ୍ରକୋଷ୍ଠରେ କାହିଁକି ଓ କିଏ ତାଲା ପକାଇଛି ସେ ବିଷୟରେ ବିଡିଓ ଦାସରଥି ଜେନାଙ୍କୁ ଭେଟି ପଚାରି ଥିଲେ। ତେବେ ବିଡିଓ ଜେନା ଏ ବିଷୟରେ କେବଳ ବିପିସି କହିପାରିବେ ବୋଲି କର୍ମକର୍ତ୍ତାଙ୍କୁ କହିଥିଲେ। ପରେ ବିପିସି ବାରିକଙ୍କୁ ବ୍ଲକକୁ ଆସିଥିବା ଫେଡେରେଶନ୍‌ର କର୍ମକର୍ତ୍ତାମାନେ ଘେରାଉ କରିଥିଲେ। ପ୍ରକୋଷ୍ଠରେ ପଡ଼ିଥିବା ତାଲା ତୁରନ୍ତ ଖୋଲାଯାଇ ଜିଲା କାର୍ଯ୍ୟାଳୟକୁ ପଠାଯାଇଥିବା ପ୍ରାର୍ଥୀଙ୍କ ଡକୁମେଣ୍ଟ ପଠାଇବାକୁ ବିପିସିଙ୍କ ନିକଟରେ ଅଡ଼ି ବସିଥିଲେ। ଏଥିସହ ମାସାଧିକ କାଳ ବିଏଲ୍‌ଏଫ୍ ପ୍ରକୋଷ୍ଠରେ ତାଲା ପକାଇଥିବା ବ୍ୟକ୍ତିଙ୍କ ବିରୋଧରେ ବିପିସି କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସେ ବିଷୟରେ କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। ଏହି ଚାବି କେବଳ ବିପିସିଙ୍କ ପାଖରେ ରହିବା କଥା। କାହା ନିର୍ଦ୍ଦେଶରେ ସମ୍ପୃକ୍ତ ବିଏଲ୍‌ଏଫ୍ କର୍ମକର୍ତ୍ତା ଏହି ପ୍ରକୋଷ୍ଠକୁ ତାଲା ପକାଇଛନ୍ତି ତାହାର ଉତ୍ତର ପାଇଁ ମହିଳାମାନେ ଅଡ଼ି ବସିଥିଲେ। ତେବେ ବିପିସି ବାରିକ ଗୁରୁବାର ପୂର୍ବାହ୍ନ ଯାଏ ସମୟ ନେଇଥିଲେ। ତେବେ ଏ ବିଷୟରେ ମହିଳା ଫେଡ଼େରେଶନ୍‌ର କର୍ମକର୍ତ୍ତାମାନେ ବିଏଲ୍‌ଏଫ୍‌ର ସମ୍ପାଦିକା ମନୋରମା ରାଉତଙ୍କ ଉପସ୍ଥିତିରେ ଏକ ରିଜୋଲ୍ୟୁଶନ୍ ମଧ୍ୟ କରିଥିଲେ। ଏହି ଗୁରୁବାର ପୂର୍ବାହ୍ନ ସୁଦ୍ଧା ବିଏଲ୍‌ଏଫ୍ ପ୍ରକୋଷ୍ଠରୁ ତାଲା ଖୋଲାଯିବା ସହ ଜିଲା କାର୍ଯ୍ୟାଳୟକୁ ଡକୁମେଣ୍ଟ ପଠାଯିବାକୁ ରିଜୋଲ୍ୟୁଶନ୍‌ରେ ସ୍ଥାନିତ କରାଯାଇଛି। ଯଦି ଏହି ସମୟ ମଧ୍ୟରେ କାର୍ଯ୍ୟକାରୀ ନ ହୁଏ ତେବେ ବିପିସିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ରିଜୋଲ୍ୟୁଶନ୍‌ରେ ସ୍ଥାନିତ ହୋଇଛି। ଯେଉଁ ରିଜୋଲ୍ୟୁଶନ୍‌ରେ ବିପିସି ବାରିକ ଓ ବିଏଲ୍‌ଏଫ୍‌ର ସମ୍ପାଦିକା ରାଉତଙ୍କ ସ୍ୱାକ୍ଷର ମଧ୍ୟ ରହିଛି। ତେବେ ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିବାଦକୁ ନେଇ ଡେରାବିଶ ମିଶନ ଶକ୍ତି ବିଭାଗ ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ଅର୍ଦ୍ଧରାତ୍ରିରେ ଅଗ୍ନିକାଣ୍ଡ, ୩ ଗାଈ ଜୀବନ୍ତ ଦଗ୍ଧ

**ରାଜନଗର,୪।୭ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରାଜବିଜୟନଗର ଗାଁରେ ସୋମବାର ମଧ୍ୟ ରାତିର ଅଗ୍ନିକାଣ୍ଡ ଘଟି ୩ ଗାଈ ଜୀବନ୍ତ ଦଗ୍ଧ ହୋଇଛନ୍ତି। ରାତି ପ୍ରାୟ ୨ଟାରେ ଶତ୍ରୁଘ୍ନ ପରିଡାଙ୍କ ଘରେ ନିଆଁ ଲାଗିଥିଲା। ପରିବାର ଲୋକ ନିଦରେ ଶୋଇଥିବା ବେଳେ ଏହି ନିଆଁ ଲାଗି ଥିଲା। ନିଆଁ ଧାସରେ ପରିବାର ଲୋକଙ୍କ ନିଦ ଭାଙ୍ଗିବା ପରେ ଜୀବନ ବିକଳରେ ଘର ବାହାରକୁ ଦୌଡି ପଳାଇ ଆସିଥିଲେ। ସେତେବେଳକୁ ତାଙ୍କର ୨ ବଖରା ଘର ସହିତ ଗୁହାଳ ଘର ଜଳୁଥିଲା। ପରିବାର ଲୋକେ ଗୁହାଳ ଘରକୁ ଯିବା ବେଳକୁ ବନ୍ଧା ହୋଇଥିବା ୩ ଗାଈ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ। ଗାଁ ଲୋକଙ୍କୁ ଡାକି ନିଆଁ ଲିଭାଇ ଗାଈଙ୍କୁ ବାହାରକୁ ଆଣିବା ବେଳକୁ ଆଉ କିଛି ବାକି ନ ଥିଲା। ନିଆଁ ଲାଗି ଶତ୍ରୁଘ୍ନଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସରପଞ୍ଚ ସୁରେଖା ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ମୋହନ ଚନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସରପଞ୍ଚ ପଞ୍ଚାୟତ ପକ୍ଷରୁ ୩ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି।

## ବିଜ୍ଞାନରେ ପ୍ରିୟାଂଶୁ, ବାଣିଜ୍ୟରେ ବିଶ୍ୱଜିତ, କଳାରେ ରୀନା ଟପ୍ପର

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**

- ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ


ପ୍ରିୟାଂଶୁ ଦାସ


ବିଶ୍ୱଜିତ୍ ରାଉତ


ରିନା ଗୁଡ଼ିଆ

**ଜଗତସିଂହପୁର, ୪।୭ (ପ୍ରମୋଦ କୁମାର ନାୟକ):** ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ବିଜ୍ଞାନରେ ପ୍ରାଣୀ ବିଜ୍ଞାନ ସମ୍ମାନ ଛାତ୍ର ପ୍ରିୟାଂଶୁ ଦାସ, ବାଣିଜ୍ୟରେ ବିଶ୍ୱଜିତ ରାଉତ ଓ କଳାରେ ଶିକ୍ଷା ସମ୍ମାନ ଛାତ୍ରୀ ରୀନା ଗୁଡିଆ ଟପ୍ପର ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏବର୍ଷ ମହାବିଦ୍ୟାଳୟ ବିଜ୍ଞାନରେ ମୋଟ ୨୨୯ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୨୧୩, ଦ୍ୱିତୀୟରେ ଜଣେ, ଡିଷ୍ଟିଂଶନ୍‌ରେ ୧୬୭ ଜଣ ଏହିପରି ୯୩.୪% ପାଶ୍ କରିଛନ୍ତି । ୧୫ ଜଣ ଫେଲ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୨୪୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮୦, ଦ୍ୱିତୀୟ ୨୭ ଓ ଡିଷ୍ଟିଂଶନରେ ୬୯ ଜଣ ପାଶ୍ କରିଥିବାବେଳେ ପାସ ହାର ୮୫.୯% ରହିଛି । ୩୪ଜଣ ଫେଲ ହୋଇଛନ୍ତି । କଳାରେ ମୋଟ ୨୩୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮୨, ଦ୍ୱିତୀୟ ୨୯, ଡିଷ୍ଟିଂଶନ୍ ୧୧୦ ଏହିପରି ୮୯% ପାସ କରିଛନ୍ତି । ୨୬ ଜଣ ଫେଲ୍ ହୋଇଛନ୍ତି। ବିବିଏ/ବିସିଏରେ ମୋଟ ୪୬ ଜଣ ପରୀକ୍ଷାର୍ଥୀ ଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୨ ଓ ଡିଷ୍ଟିଂଶନ୍ ୪ ଜଣ ପାଇଛନ୍ତି । ୪ ଜଣ ଫେଲ ହୋଇଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପାସ୍ ହାର ୯୧.୩% ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି ।

## ବାଲିକୁଦା ଯାଦବ ମହାସଭାର ପ୍ରଥମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ

**ବାଲିକୁଦା,୪।୭(ତାପସ ସ୍ୱାଇଁ):** ବାଲିକୁଦା ବ୍ଲକ ଯାଦବ ମହାସଭାର ପ୍ରଥମ ବାର୍ଷିକ ଉତ୍ସବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବୋରିକିନା କଲେଜ ପଡ଼ିଆରେ ଆୟୋଜିତ ଏହି ବୈଠକରେ ଜିଲା ସଭାପତି ନରେଶ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଉଦ୍‌ଘାଟକ ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ଯୁବ ଯାଦବ ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ.ପ୍ରଦୀପ ବେହେରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ସୁପ୍ରିମ କୋର୍ଟର ଆଇନଜୀବୀ ଡ. ସୁଶାନ୍ତ କାନୁନ୍‌ଗୋ, ଜିଲା ପରିଷଦ ସଦସ୍ୟା ରୁନିଲତା ବେହେରା, ତିର୍ତ୍ତୋଲ ବ୍ଲକ ଜିଲା ପରିଷଦ ସଦସ୍ୟ ଗଙ୍ଗାଧର ବିଶ୍ୱାଳ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଏରସମା ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଶିଶିର ବିଶ୍ୱାଳ, ଜିଲା ଯୁବ ଯାଦବ ମହାସଭା ସମ୍ପାଦକ ସୁକାନ୍ତ ଦାସ, ବୋରିକିନା ସରପଞ୍ଚ ସାଗରିକା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବ୍ଲକରେ ୩ ଲକ୍ଷରୁ ବେଶୀ ଯାଦବ ସମ୍ପ୍ରଦାୟର ଲୋକ ରହୁଛନ୍ତି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଯତ୍ନବାନ ହୋଇ ସରକାର ବିଶେଷ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା ।

## ଗିରଫ, ବହିଷ୍କାର ଦାବିରେ ଭାଜପାର ବିକ୍ଷୋଭ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ସର୍ବସାଧାରଣରେ ଯୁବକଙ୍କୁ ବିଡିଓଙ୍କ ମାଡ଼ ଘଟଣା**

**କୁଜଙ୍ଗ,୪।୭ (ମନୋଜ ପ୍ରଧାନ):** ସର୍ବସାଧାରଣରେ ଯୁବକଙ୍କୁ କୁଜଙ୍ଗ ବିଡିଓଙ୍କ ମାଡ଼ମାରିବା ଘଟଣାକୁ ନେଇ କୁଜଙ୍ଗରେ ରାଜନୀତି ଉଷ୍ମ ହେବାରେ ଲାଗିଛି। ବିଡିଓଙ୍କୁ ବହିଷ୍କାର ଦାବିରେ ଗତ ୨ତାରିଖରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ତହସିଲଦାରଙ୍କୁ ଭାଜପା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ରକୁ ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ମଙ୍ଗଳବାର ଭାଜପା ପକ୍ଷରୁ ବ୍ଲକ କାର୍ଯାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏନେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଦଳୀୟ କର୍ମୀମାନେ ଚେତାବନୀ ଦେଇଛନ୍ତି। ଭାଜପା ନେତା ସମ୍ପଦ ସ୍ୱାଇଁ, ଓ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇ ଏହାର ନେତୃତ୍ୱ ନେଇଥିଲେ। ଏହି ବିକ୍ଷୋଭ ସମାବେଶରେ ଯୁବନେତା ତପନ ତ୍ରିପାଠୀ, ମଣ୍ଡଳ ସଭାପତି ଚୈତନ ଖଟୁଆ, ଯୁବମୋର୍ଚ୍ଚା ସଂଯୋଜକ ଅକ୍ଷୟ ଦାସ, ଭରତ ପ୍ରଧାନ, ରାଜେନ୍ଦ୍ର ନାରାୟଣ ଦାସ, ରଶ୍ମିରଞ୍ଜନ ସାମନ୍ତରାୟ, ଦୁଷ୍ମନ୍ତ ନାଥଶର୍ମା, ନୃସିଂହ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

ଗତ ୨୭ରେ ବିଡିଓ ପାଣିଗ୍ରାହୀ ବ୍ଲକ କର୍ମଚାରୀଙ୍କ ସହ ସ୍କୁଟିରେ ବସି କାର୍ଯ୍ୟାଳୟକୁ ଯିବା ସମୟରେ ପଞ୍ଚାୟତ ବଜାରଠାରେ ଜଣେ ଯୁବକ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ପାଣିଗ୍ରାହୀ ସ୍କୁଟିରୁ ଓହ୍ଲାଇ ସର୍ବସାଧାରଣରେ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିଥିଲେ । ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ, ତାଙ୍କ ମା'ଙ୍କୁ ସମ୍ପୃକ୍ତ ଯୁବକ ନିଶାସକ୍ତ ଅବସ୍ଥାରେ ଅଶ୍ରାବ୍ୟ ଭାଷାରେ ଗାଳି ଦେଇଥିଲେ। ଏହାକୁ ସେ ସହ୍ୟ କରି ନ ପାରି ମାଡ଼ମାରିଛନ୍ତି ବୋଲି କହିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ହଜିଥିବା ଏଟିଏମ୍ କାଡ୍‌ରୁ ୪୦ ହଜାର ଉଠାଇନେଲେ ଦୁର୍ବୃତ୍ତ

**ତିର୍ତ୍ତୋଲ, ୪।୭ (ଗୌରାଙ୍ଗ ଚରଣ ସ୍ୱାଇଁ):** ହଜିଯାଇଥିବା ଏଟିଏମ୍ କାର୍ଡରୁ ୪ ଥରରେ ୪୦ ହଜାର ଟଙ୍କା ଉଠାଇ ନିଆଯାଇଛି। ଜଗତସିଂହପୁରସ୍ଥିତ ରାହାମା ବଜାରରେ ଏହି ଘଟଣା ଘଟିଛି। ଏନେଇ ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତ ଶଙ୍ଖେଶ୍ୱର ଗ୍ରାମର ତାପସ କୁମାର ସାହୁ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ସେ ସ୍ତ୍ରୀଙ୍କ ଏଟିଏମ୍ କାର୍ଡ ନେଇ ଶନିବାର କୌଣସି କାର୍ଯ୍ୟରେ ରାହାମା ଯାଇଥିଲେ। ଏହି ସମୟରେ ରାହାମା ବଜାରରେ ତାଙ୍କ ମୋଟର ସାଇକେଲ୍ ଖରାପ ହୋଇଯାଇଥିଲା । ସେ ଗାଡି ସଜାଡ଼ିବା ପାଇଁ ରାହାମାସ୍ଥିତ ଏକ ଘରୋଇ ବ୍ୟାଙ୍କ ଏଟିଏମରୁ ୨ ହଜାର ଟଙ୍କା ଉଠାଇଥିଲେ। ମାତ୍ର ତରବରିଆଭାବେ ଏଟିଏମ୍ କାର୍ଡ ସେଠାରୁ ଆଣିବାକୁ ଭୁଲିଯାଇଥିଲେ। ଏହାପରେ ଗାଡିକୁ ସମ୍ପର୍କୀୟଙ୍କୁ ଦେଇ ତାପସ ବସ୍ ଯୋଗେ କଟକ ଅଭିମୁଖେ ଚାଲିଯାଇଥିଲେ। କିଛି ସମୟ ପରେ ଉକ୍ତ ଏଟିଏମ୍ କାର୍ଡ ବ୍ୟବହାର କରି କୌଣସି ଦୁର୍ବୃତ୍ତ ଟଙ୍କା ଉଠାଇ ନେଇଥିଲେ। ଏନେଇ ତାପସଙ୍କ ମୋବାଇଲକୁ ମେସେଜ ଆସିଥିଲେ ମଧ୍ୟ ବ୍ୟସ୍ତତା କାରଣରୁ ସେ ତାହା ଦେଖି ପାରିନଥିଲେ। ଉକ୍ତ ଏଟିଏମ୍ କାର୍ଡରୁ ସେଦିନ ୪ଥର ୧୦ ହଜାର ଲେଖାଏଁ ଟଙ୍କା ଉଠାଯାଇଥିଲା। ମୋବାଇଲ୍ ମେସେଜରୁ ଏହା ଜାଣିବା ପରେ ତାପସ ବ୍ୟାଙ୍କ ସହ ଯୋଗାଯୋଗ କରି ଏଟିଏମ୍ କାର୍ଡକୁ ବ୍ଲକ କରିଦେଇଥିଲେ। ଏନେଇ ସେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

## ରାଜ୍ୟସ୍ତରକୁ ୮ କୃତୀ ପ୍ରତିଯୋଗୀ ମନୋନୀତ

**ଜଗତସିଂହପୁର, ୪।୭ (ପ୍ରମୋଦ କୁମାର ନାୟକ)**

**ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା**


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଚଳିତ ମାସରେ ଓଡ଼ିଶା ସାହିତ୍ୟ ଏକାଡେମୀ ତାର ସ୍ୱନକ୍ଷତ୍ର ଦିବସ ପାଳନ ନିମନ୍ତେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରୁ ୮ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୁଯୋଗ ମିଳିଛି।

କନିଷ୍ଠ (କ) ଓ ବରିଷ୍ଠ (ଖ) ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ଏସ୍. କେ. ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରବନ୍ଧ, କବିତା ଆବୃତ୍ତି, ବକ୍ତୃତା, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଅନୁବାଦ ଆଦି ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବିଭାଗ ପ୍ରବନ୍ଧ ପ୍ରତିଯୋଗିତାରେ ଏସ୍. କେ. ଏକାଡେମୀ ୬ଷ୍ଠ ଶ୍ରେଣୀ ଛାତ୍ର ଅବିନାଶ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବକ୍ତୃତାରେ ଦହିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ଛାତ୍ରୀ କୃତୀପନା ଲେଙ୍କା, କବିତା ଆବୃତ୍ତିରେ ସ୍ଥାନୀୟ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ୭ମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ଜେନା, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତାରେ ଦହିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ଛାତ୍ରୀ ସ୍ମୃତି ପ୍ରଜ୍ଞା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ବରିଷ୍ଠ ବିଭାଗ ପ୍ରବନ୍ଧ ପ୍ରତିଯୋଗିତାରେ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ରୀ ନନ୍ଦିନୀ ଆଚାର୍ଯ୍ୟ ପ୍ରଥମ, ବକ୍ତୃତାରେ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀ ଛାତ୍ରୀ ଅନ୍ନପୂର୍ଣ୍ଣା ପରିଡ଼ା, କବିତା ଆବୃତ୍ତିରେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ରୀ ଦୀପଶିଖା ମିଶ୍ର, ଆଳିପିଙ୍ଗଳସ୍ଥିତ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀ ଛାତ୍ରୀ ସାନିଭଦ୍ରା ଭୋଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କ ମଧ୍ୟରୁ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀ ଆସନ୍ତା ୯ରେ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ର ୧୬ ତାରିଖରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପହଞ୍ଚି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଏହି ପ୍ରତିଯୋଗିତା ଶେଷରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଓ ଏସ୍. କେ. ଏକାଡେମୀ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# କୃଷି ଋଣ ଆଳରେ ଚାଷୀଙ୍କୁ ଶୋଷଣ

- ସମବାୟ ସମିତିରେ ମହାଦୁର୍ନୀତି
- ଋଣ ନେଇ ନ ଥିବା ଚାଷୀଙ୍କ ଖାତାରେ ବି ବଢ଼ି ଚାଲିଛି ଟଙ୍କା
- କୃଷି ଋଣ ନେଇଥିବା ଚାଷୀଙ୍କ ସୂଚନା ଫଳକରେ ନାଁ ନାହିଁ

**କେନ୍ଦ୍ରାପଡ଼ା, ୪।୭(ଜଗନ୍ନାଥ ଧଳ)**

କୃଷି ଓ କୃଷକର ସାମଗ୍ରୀକ ବିକାଶ ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବିହନ, ସାର, କୀଟନାଶକ ସମୟ ପୂର୍ବରୁ ନିଶ୍ଚିତ ଭାବେ ଗଚ୍ଛିତ କରିବା ତଥା ଏହାର ସୁଷମ ବଣ୍ଟନ, କୃଷକମାନଙ୍କୁ ସ୍ୱଳ୍ପ ସୁଧ ହାରରେ କୃଷି ଋଣ ପ୍ରଦାନ ଏବଂ ଖାଦ୍ୟ ଶସ୍ୟର ଅଭାବି ବିକ୍ରି ବନ୍ଦ କରିବା ଉଦ୍ଦେଶ୍ୟରେ ସମବାୟ ସମିତି ଗଠନ କରାଯାଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଶାଖା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ବିଭିନ୍ନ ସମବାୟ ସମିତିରେ ବ୍ୟାପକ ଦୁର୍ନୀତି, ଆର୍ଥିକ ଅନିୟମିତତା, ଅର୍ଥ ତୋଷରପାତ, ଋଣ ଜାଲିଆତି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସମବାୟ ସୁରକ୍ଷା ମଞ୍ଚ ଦାବି କରିଛି।

ସମବାୟବିତ ବ୍ରଜବନ୍ଧୁ ଦାଶ, ବନମାଳୀ ମହାପାତ୍ର, ରମେଶ ସ୍ୱାଇଁ, ଗୁଣନିଧି ମଲ୍ଲିକ, ଅଶୋକ ଦାସ, ରଞ୍ଜିତ ପ୍ରଧାନ, ନରେଶ ଜେନା ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଶ୍ୟାମସୁନ୍ଦରପୁର ସମବାୟ ସମିତିରେ ବ୍ୟାପକ ଋଣ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ୧୦ହଜାର ଟଙ୍କା ଋଣ ନେଇଥିବା ଚାଷୀଙ୍କ ମୁଣ୍ଡରେ ଏବେ ଲକ୍ଷାଧିକ ଟଙ୍କାର ଋଣ ବୋଝ ହୋଇଚାଲିଛି। ଆଦୌ ଋଣ ନେଇ ନ ଥିବା ଚାଷୀଙ୍କ ଖାତାରେ ବି ବଢ଼ି ଚାଲିଛି ଋଣ ବୋଝ। ଏକଥା ଜାଣିଲା ବେଳକୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଏପରି କି ମୃତ ଚାଷୀଙ୍କ ନାଁରେ କୃଷି ଋଣ ଉଠାଇ ନିଆଯାଇଛି। ଚାଷୀଙ୍କ ଅଜାଣତରେ ଋଣ ଉଠିଛି। ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରେ ପ୍ରାୟ ଚାଷୀଙ୍କ ନାଁରେ ଏଭଳି କୃଷି ଋଣ ଜାଲିଆତି ହୋଇଥିବା ଅଭିଯୋଗ ହେବା ପରେ ଏହାର ତଦନ୍ତ ହେଉନାହିଁ। ଅନେକ ଚାଷୀଙ୍କ ଅବସ୍ଥା ଏମିତି ଯେ, ସେମାନେ ଘର, ଜମିବାଡ଼ି ସବୁ ବିକି ଦେଲେ ବି ମୁଣ୍ଡ ଉପରେ ଗଡୁଥିବା ଋଣ ଶୁଝିବା କଷ୍ଟ ହୋଇପଡ଼ିବ। ଏ ସମ୍ପର୍କରେ ଚାଷୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ବି ଶୁଣିବାକୁ କେହି ନାହାନ୍ତି। ମାତ୍ର ସମ୍ପାଦକ ମାଲେମାଲ ହେବାରେ ଲାଗିଛନ୍ତି। ଏପରି ଦୁର୍ନୀତିରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ହାତ ଥିବା ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ ଆଠଗଡ଼, ରାଉଲକେଲା, ନୟାଗଡ଼ ସାମବାୟ ଦୁର୍ନୀତି ଭିଜଲାନ୍ସ ତଦନ୍ତ ହୋଇ ଦୋଷୀଙ୍କୁ ଦଣ୍ଡ ମିଳୁଥିବା ବେଳେ ପଟ୍ଟାମୁଣ୍ଡାଇ ସମବାୟ ଦୁର୍ନୀତି ଉପରେ କାହାର ପରଦା ପଡିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟାକ ସମବାୟ ସମିତିରେ କୃଷିଋଣ କରିଥିବା ଚାଷୀଙ୍କ ନାମ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଓ ସମିତିଗୁଡ଼ିକର ସୂଚନା ଫଳକରେ ପ୍ରକାଶ କରିବା କଥା। ମାତ୍ର ପଟ୍ଟାମୁଣ୍ଡାଇ କୌଣସି ବି ଗୋଟିଏ ସମବାୟ ସମିତି କି ସମବାୟ ବ୍ୟାଙ୍କରେ ସୂଚନା ଫଳକ ମାରାଯାଇନାହିଁ। ବାରମ୍ବାର ଏ ସଂକ୍ରାନ୍ତରେ ଅଭିଯୋଗ ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ସମବାୟ ବ୍ୟାଙ୍କ ସମ୍ପାଦକ କଟକ ଅନନ୍ତ କୁମାର ସାମଲଙ୍କୁ ପଚାରିବାରେ ଏପରି ଅଭିଯୋଗ ବାରମ୍ବାର ଆସିବାରୁ ଚାଷୀମାନଙ୍କ ସବ୍‌ସିଡି ଟଙ୍କା ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ଅନ୍ୟ ସବ୍‌ସିଡି ଟଙ୍କାକୁ ଦିଆ ନ ଯାଇ ରଖାଯାଇଛି। ଉପଯୁକ୍ତ ପ୍ରମାଣ ମିଳିବା ପରେ ଏହି ଟଙ୍କାକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଛେଳି ଚୋର ସନ୍ଦେହରେ ମାଡ଼ ଅପମାନ ସହି ନ ପାରି ନାବାଳକଙ୍କ ଆତ୍ମହତ୍ୟା

ଫିରିଙ୍ଗିଆ,୪ା୭(ବିକ୍ରମ ଦିଗାଲ):କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କଟାପଙ୍ଗା ଗାଁରେ ଛେଳି ଚୋର ସନ୍ଦେହରେ ଜଣେ ନାବାଳକଙ୍କୁ ଗାଁରେ ଲୋକେ ନିଷ୍ଠୁର ପିଟିଥିଲେ। ଏହି ଅପମାନ ସହି ନ ପାରି ମଙ୍ଗଳବାର ନାବାଳକଙ୍କ ଜଣକ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ହେଲେ କଟାପଙ୍ଗା ଗାଁର ମହିପାଳ ରଣାଙ୍କ ପୁଅ ଜିତୁ (୧୭)। ପରିବାର ଲୋକଙ୍କ ଅଭଯୋଗ କ୍ରମେ, ନାବାଳକ ଜଣକ ସୋମବାର ପାହିରେଜୁ ଗାଁରେ ଥିବା ନିଜ ଭଉଣୀ ଘରକୁ ଯାଇଥିଲେ। ସେଠାରୁ ନିଜ ଗାଁକୁ ଏକ ବାଇକରେ ଫେରୁଥିବା ସମୟରେ ବାନ୍ଧାଦଣି ଗାଁ ନିକଟରେ ଏକ ଛେଳି ବାଇକରେ ଲାଗି ଆହତ ହୋଇଯାଇଥିଲା। ନାବଳକ ଆହତ ଛେଳିକୁ ଚିକିତ୍ସା ପାଇଁ ବାଇକରେ ଅନ୍ୟ ଜଣେ ସାଙ୍ଗଙ୍କ ସହ ସାଡ଼ିଙ୍ଗିଆ ନେଇ ଆସୁଥିବା ବେଳେ ବନ୍ଧାଦଣୀ ଗାଁର କେତେଜଣ ଲୋକ ଛେଳି ଚୋରି କରି ଆଣୁଛୁ କହି ନିଷ୍ଠୁର ମାଡ଼ ମାରିଥିଲେ। ପରେ ବୈଠକ କରି ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ମୃତ ନାବାଳକ ଓ ତାଙ୍କ ପିତାଙ୍କୁ ଡାକି ଅପମାନିତ କରିବା ସହ ୪ ହଜାର ଟଙ୍କା ଫାଇନ କରିଥିଲେ । ଏହି ଘଟଣାକୁ ନେଇ ନାବାଳକ ତାଙ୍କ ବାପା ଘରେ ନଥିବା ସମୟରେ ଗାଁ ପାଖ ଜଙ୍ଗଲରେ ଥିବା ଏକ ଗଛରେ ଆତ୍ମ ହତ୍ୟା କରିଥିଲେ। ଫିରିଙ୍ଗିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଷ୍ଟାଡିୟମ ସମ୍ମୁଖ ଷ୍ଟ୍ରିଟ ଲାଇଟ ଜଳୁନି

**ନୟାଗଡ଼,୪ା୭(ଲୋକନାଥ ମିଶ୍ର):** ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ନିକଟସ୍ଥ ଡିଆରଡିଏ ରୋଡର ନୟାଗଡ଼ ଷ୍ଟାଡିୟମ ସମ୍ମୁଖ ରାସ୍ତାର ୨ଟି ଷ୍ଟ୍ରିଟ ଲାଇଟ ଜଳୁନାହିଁ। ପ୍ରାୟ ୨ମାସ ହେଲା ଲାଇଟ୍ ଦ୍ୱୟ ଜଳୁ ନ ଥିଲେ ହେଁ ମ୍ୟୁନିସିପାଲିଟି ପକ୍ଷରୁ ଏହାର ନିରାକରଣ କରାଯାଉନାହିଁ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ବଦଳିଲେ ନୟାଗଡ଼ ସିଡିଏମ୍‌ଓ

**ନୟାଗଡ,୪ା୭(ଲୋକନାଥ ମିଶ୍ର):** ନୟାଗଡ ସିଡିଏମ୍‌ଓ ମକରନ୍ଦ ବେଉରାଙ୍କୁ କଟକ ସିଡିଏମ୍‌ଓ ଭାବେ ବଦଳି ହୋଇଛି। ଏଠାରେ କ୍ୟାପିଟାଲ ହସ୍ପିଟାଲର ରାମକୃଷ୍ଣ ପଣ୍ଡାଙ୍କୁ ବଦଳି ହୋଇଛି। ଚିଠି ନଂ. ୧୫୭୭୮/୪ା୭ା୨୦୨୩ରେ ରାଜ୍ୟ ସରକାରଙ୍କ କମିଶନର କମ୍ ସେକ୍ରେଟାରୀ ୫ଜଣ ସିଡିଏମ୍‌ଓ ର୍ୟାଙ୍କ ଅଫିସରଙ୍କର ବଦଳି କରିଛନ୍ତି।

### ଛାତ୍ରୀଙ୍କ ଗୋଡ଼ରେ ପଶିଗଲା ଲୁହା ରଡ୍

ଭଞ୍ଜନଗର, ୪ା୭(ବାବୁଲା ପ୍ରଧାନ ): ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବୁଦିଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଜଣେ ଛାତ୍ରୀଙ୍କ ଗୋଡ଼ରେ ଏକ ରଡ଼ ପଶିଯାଇଥିବା ଜଣାପଡ଼ିଛି। ଆହତ ଛାତ୍ରୀ ଜଣଙ୍କ ହେଲେ ୧୦ମ ଶ୍ରେଣୀର କାଜଲ ଭୂୟାଁ। ରଡ଼ର କିଛି ଅଂଶ କାଟି ବାହାର କରାଯିବା ପରେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଦମକଳବାହିନୀ ସହାୟତାରେ ନିଆଯାଇଛି। କିଛି ମାସ ପୂର୍ବେ ଉକ୍ତ ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଥିଲା। ବିଦ୍ୟାଳୟ ଉଦ୍‌ଘାଟନ ପରେ କିଛି ଅବ୍ୟବହୃତ ଲୁହା ରଡ ପଡିରହିଥିଲା। ଛାତ୍ରୀଛାତ୍ରମାନେ ଖେଳୁଥିବା ବେଳେ କାଜଲଙ୍କ ଗୋଡ଼ରେ ରଡ଼ଟି ପଶିଯାଇଥିଲା ବୋଲି କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଜିଲାପାଳଙ୍କୁ ଦାବି ଜଣାଇଲେ ଆମ୍ବୁଲାନ୍ସ କର୍ମଚାରୀ

ଫୁଲବାଣୀ,୪ା୭(ରାକେଶ କୁମାର ରାଉତ)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଆମ୍ବୁଲାନ୍ସ କର୍ମଚାରୀ।

କନ୍ଧମାଳ ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

୨୦୧୩ରୁ ୧୦୮ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ହୋଇଛି । ଏଥିରେ ଜଣେ ଇଏମ୍‌ଟି, ପାଇଲଟ ଏବଂ ଆଟେଣ୍ଡାଣ୍ଟ କାମ କରୁଛନ୍ତି । ନିଃସ୍ୱାର୍ଥପର ଏବଂ ନିଷ୍ଠାପୂର୍ଣ୍ଣ ଭାବେ କାମ କରି ଆସୁଥିଲେ ମଧ୍ୟ ସେମାନଙ୍କ ଦାବି ଉପରେ ଆଜି ଯାଏ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି । ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, କରୋନା ମହାମାରୀ, ଦୁର୍ଘଟଣା, କିଛି ଦିନ ପୂର୍ବେ ବାଲେଶ୍ୱରର ବାହାନଗାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀମାନେ ନିଜ ଦାୟିତ୍ୱ ତୁଲାଇ ଆସିଛନ୍ତି । କିଛି ଦିନ ପୂର୍ବେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ କରିଥିଲେ ସୁଦ୍ଧା ଆମକୁ ଅଣଦେଖା କରିଛନ୍ତି । ସମସ୍ତଙ୍କ ପରି ଆମେ ମଧ୍ୟ ଗୁରୁ ଦାୟିତ୍ୱ ବହନ କରୁଛୁ । ତଥାପି ସରକାର ଆମ ଦାବି ଉପରେ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଆମ୍ବୁଲାନ୍ସ କର୍ମଚାରୀ ପ୍ରଶାନ୍ତ କୁମାର ନାୟକ, ଶଶିଭୂଷଣ ପ୍ରଧାନ, ଜଳେଶ୍ୱର ପୂଜାରୀ ପ୍ରମୁଖ ପ୍ରକାଶ କରିଛନ୍ତି । ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟମିତ କରାଯାଉ । ନ ହେଲେ ୮ ଘଣ୍ଟିଆ କାର୍ଯ୍ୟରେ ସ୍ୱତନ୍ତ୍ର ପ୍ୟାକେଜ ଅନୁସାରେ ଇଏମ୍‌ଟିଙ୍କୁ ମାସିକ ୩୦ ହଜାର, ପାଇଲଟଙ୍କୁ ୨୫ ହଜାର, ଆଟେଣ୍ଡାଣ୍ଟଙ୍କୁ ୨୦ ହଜାର ସହ ଆଡଭାନ୍ସ ଲାଇଫ ସପୋର୍ଟ ଇଏମ୍‌ଟିଙ୍କୁ ୩୫ ହଜାର ଟଙ୍କା ସରକାର ପ୍ରଦାନ କରନ୍ତୁ । ଏଥିସହ ବାର୍ଷିକ ଦରମା ବୃଦ୍ଧି ଆମେ ଦାବି କରୁଛୁ । ସେହିପରି କାର୍ଯ୍ୟକ୍ଷେତ୍ରରେ ଆକ୍ରମଣର ଶିକାର ହେଲେ ଦୋଷୀଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ, ଆମ୍ବୁଲାନ୍ସ ଧୋଇବା ପାଇଁ ସୁବିଧା ସହ କର୍ମଚାରୀଙ୍କ ଲାଗି ଶୌଚାଳୟ ଏବଂ ବିଶ୍ରାମ ଗୃହ, କୌଣସି କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି, ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଦେବାକୁ କର୍ମଚାରୀ ଅଶୋକ କୁମାର ବେହେରା, ଗୁପ୍ତେଶ୍ୱର ପାତ୍ର, ଗୌତମ ପରାସେଠ, ପାଣ୍ଡୁଲ ମାଝି, ଶୁଭକାନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି। ଦାବିପତ୍ରର ଏକ ନକଲ ମୁଖ୍ୟମନ୍ତ୍ରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ମନ୍ତ୍ରୀ, ୫-ଟି ସଚିବଙ୍କୁ ପ୍ରଦାନ କରାଯାଇଛି ।

# ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ ଘେରରେ

ନୟାଗଡ଼,୪ା୭(ଲୋକନାଥ ମିଶ୍ର)

## ବେଭାର ଦେଇ ଘରକୁ ଫେରିଲେନି

ବନ୍ଧୁ ଘରକୁ ବେଭାର ଦେବାକୁ ଯାଇଥିବା ନୂଆଗାଁ ବ୍ଲକ ପଥୁରିପଡ଼ା ଢ଼ିପମାଳ ରାସ୍ତାର ଢ଼ିମମାଳଠାରେ ଜଣେ ୬୦ ବର୍ଷ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବଂଶୀଧର ମହାରଥି (୬୦)। ଘର ପଥୁରିପଡ଼ା। ତେବେ ବଂଶୀଧରଙ୍କ ମୃତ୍ୟୁ ହତ୍ୟା ନାଁ ଅପମୃତ୍ୟୁ ଜଣାପଡ଼ିନାହିଁ। ଅଭିଯୋଗ ପାଇବା ପରେ ନୟାଗଡ଼ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବାର ରହିଛି। ପୁଅ ସ୍ମୃତି ରଞ୍ଜନ ମହାରଥିଙ୍କ ଅଭିଯୋଗ ଅନୁସାରେ ବାପା ବଂଶୀଧର ସାଇକେଲ ଯୋଗେ ଢ଼ିପମାଳ ରାଜନକୁ ବେଭାର ଦେବାକୁ ଯାଇଥିଲେ। ଘରକୁ ଫେରିବାବେଳେ ବାଟରେ ଢ଼ିପମାଳଠାରେ ମୃତ୍ୟୁ ଘଟିଛି। ତେବେ ବାପାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରୁଛି। କିଏ ହତ୍ୟା କରିଛି ଜାଣିନାହିଁ। ଆମର କେହି ଶତ୍ରୁ ନ ଥିଲେ। ଖବର ପାଇବା ପରେ ଆମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାପାଙ୍କୁ ଭର୍ତ୍ତି କରିଥିଲୁ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କଲେ ସତ୍ୟ ପଦାକୁ ଆସିବ। ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁଙ୍କୁ ପଚାରିବାରେ ପ୍ରାଥମିକ ତଦନ୍ତରୁ ବାଟରେ ପଡି ପ୍ରାଣ ହରାଇଥିବା ଜଣାପଡୁଛି। ବଂଶୀଧର ଅତ୍ୟଧିକ ମଦ୍ୟପାନ କରିଥିଲେ। ଖରା ସମୟରେ ଘରକୁ ଫେରୁ ଥିଲେ। ଫେରୁଥିବାବେଳେ ସାଇକେଲରୁ ଭାରସାମ୍ୟ ହରାଇ ଖସି ମୃତ୍ୟୁ ହୋଇଥାଇ ପାରେ। ତେବେ ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି।

# ଟାଟା ପାୱାର ମନମୁଖି ବିଦ୍ୟୁତ୍ କାଟ୍ ବିରୋଧରେ ବିକ୍ଷୋଭ



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ସିପିଆଇଏମ୍ ପକ୍ଷରୁ ଧାରଣା ଦିଆଯାଇଛି।

**ଶରଣକୁଳ,୪ା୭(ଦୀପକ କର)**

ଅଘୋଷିତ ଘନଘନ ବିଦ୍ୟୁତ୍ କାଟ, ମନଇଚ୍ଛା ବିଲିଙ୍ଗ୍, ଅତ୍ୟଧିକ ବିଦ୍ୟୁତ୍ ଭଡ଼ା ଆଦାୟ, ପ୍ରିପେଡ୍ ମିଟର ବସାଇ ଗ୍ରାହକ ଶୋଷଣ, ନୀରବଚ୍ଛିନ୍ନ ବିଦ୍ୟୁତ୍ ସରବରାହରେ ଅବହେଳା ଇତ୍ୟାଦି ବିରୋଧରେ ସିପିଆଇଏମ୍ ଓ ବିଦ୍ୟୁତ୍ ଉପଭୋକ୍ତା ସଂଘର ନେତୃତ୍ୱରେ ଶରଣକୁଳ ଟାଟା ପାୱାର ସେକସନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଗୋଲକ ବିହାରୀ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର, ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତ୍, ଯୁବନେତା ସରୋଜ ନାୟକ, ମହିଳା ନେତ୍ରୀ ଜ୍ୟୋତିପ୍ରଭା ଜେନା ଓ କୃଷକ ନେତା ନିରଞ୍ଜନ ସାହୁ ପ୍ରଭୃତି ଆଲୋଚନା ଅଂଶଗ୍ରହଣ କରିଥିଲେ। ଟାଟା ପାୱାର ଶୋଷଣ ଓ ମନମୁଖୀ କାର୍ଯ୍ୟ ବିରୋଧରେ କଟୁ ସମାଲୋଚନା କରିଥିଲେ। ବିଦ୍ୟୁତ୍ ସେବାର ମାନବୃଦ୍ଧି ସହିତ ଅଘୋଷିତ ବିଦ୍ୟୁତ୍ କାଟ୍ ତୁରନ୍ତ ବନ୍ଦ ପାଇଁ ଏକ ସ୍ମାରକ ପତ୍ର ଶରଣକୁଳ ବିଦ୍ୟୁତ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଯଦି ଆଗାମୀଦିନରେ ଏହି ସମସ୍ୟାର ଆଶୁ ସମାଧାନ ନ ହୁଏ ତେବେ ବିକ୍ଷୋଭ ଆହୁରି ତ୍ରୀବ ହେବ ବୋଲି ଜଣାଇଥିଲେ। କୃଷକ ନେତା ବ୍ରଜବନ୍ଧୁ ନାୟକ, ଭାଗୀରଥି ସ୍ୱାଇଁ, ଶ୍ରମିକ ନେତା ରବି ମହାପାତ୍ର, ଦଣ୍ଡପାଣି ପ୍ରଧାନ ଓ କେଦାର ମହାପାତ୍ର ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଦୀ ପଠାରେ ବୃକ୍ଷରୋପଣ

ନୟାଗଡ଼,୪ା୭(ଲୋକନାଥ ମିଶ୍ର)


ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ କରାଯାଉଛି।

ନୟାଗଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଓ ଦେବୀଦତ୍ତ ଯୁବ ପରିଷଦ ସହଯୋଗରେ ଭାପୁର ବ୍ଲକର ମାଧପୁରଠାରେ ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ କରାଯାଇଛି। ମାଧପୁର ସରପଞ୍ଚ ଶିବାନୀ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣର ଶୁଭାରମ୍ଭ କରିଥିଲେ। ବନ ବିଭାଗ ପକ୍ଷରୁ ବନପାଳ ବନମାଳୀ ରାଉତ, ବନରକ୍ଷୀ ସୁବାସ ଚନ୍ଦ୍ର ନାୟକ, ଦିପ୍ତୀମୟୀ ରାଉତ, ପ୍ରଜ୍ଞାଶ୍ରୀ ମହାଳିକଙ୍କ ସମେତ ନୟାଗଡ଼ କ୍ରିୟାନୁଷ୍ଠାନ କମିଟିର ସଭାପତି ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ପ୍ରଦୀପ କୁମାର ସାହୁ, ପ୍ରଭାସିନୀ ନନ୍ଦ, ସୁରେଶ ଚନ୍ଦ୍ର ଦାସ, ନିରଞ୍ଜନ ନନ୍ଦ, ବିଜୟ ମହାପାତ୍ର, ପବିତ୍ର କୁମାର ସାହୁ, ବାଉରୀବନ୍ଧୁ ବେହେରା, ଭରତ ଚରଣ ସାହୁ ପ୍ରଭୃତି ଉପସ୍ଥିତ ଥିଲେ। ସେମାନେ ମହାନଦୀ ପଠା ଓ ଆଖପାଖ ଅଞ୍ଚଳରେ କାଜୁ, ଆମ୍ବ, ପିଜୁଳି, ଶାଗୁଆନ, ଜାମୁ ଆଦି ୨୦୦ ଚାରା ରୋପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଆସିକା,୪ା୭(ସୁରେନ୍ଦ୍ର ନାଥ ସାହୁ)- ଆସିକା ଏନ୍‌ଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ନିର୍ମିତ କେତେକ ପ୍ରକଳ୍ପ ସୋମବାର ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଛି। ହାଟପଦା କୋର୍ଟ ନିକଟ ଏବଂ ବାଣୀବିହାର ଡାକ୍ତରଖାନା ନିକଟରେ ୯ଲକ୍ଷ ୫୦ହଜାର ଟଙ୍କା ବ୍ୟୟବରାଦରେ ନିର୍ମିତ ଦୁଇଟି ଅତ୍ୟାଧୁନିକ ଶୌଚାଳୟ ଏବଂ ୩୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ବିଜୁ ପଟ୍ଟନାୟକ ଛକ ଓ ଲକ୍ଷ୍ମୀ ବଜାର ଠାରେ ୨ଟି ଏଲଇଡି ସୂଚନା ଫଳକ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବହୁ କାଉନସିଲର ସାମିଲ ଥିଲେ।

## ଜଙ୍ଗଲରୁ ଗଞ୍ଜେଇ ଜବତ, ୩ ମାଫିଆ ଚମ୍ପଟ

ବାଲିଗୁଡା,୪ା୭(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ବେଆଇନ୍ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ବୃଦ୍ଧି ପାଉଥିବା ବେଳେ ପୋଲିସ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଗୁଇନ୍ଦା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ ମଧ୍ୟ ଜାରି ରଖିଛି। ଏଭଳି ସ୍ଥିତିରେ ବାଲିଗୁଡ଼ା ପୋଲିସକୁ ଆଉ ଏକ ସଫଳତା ମିଳିଛି। ବାଲିଗୁଡ଼ା ଥାନା ସିନ୍ଦ୍ରିଗାଁ ନିକଟସ୍ଥ ଜଙ୍ଗଲରୁ ୩୦୪ କେଜି ୭୦୦ଗ୍ରାମ୍ ବେଆଇନ୍ ଗଞ୍ଜେଇ ଜବତ କରିଛି ପୋଲିସ। ପୋଲିସକୁ ଦେଖି ତିନିଜଣ ଗଞ୍ଜେଇ ମାଫିଆ ଚମ୍ପଟ ମାରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏନେଇ ବାଲିଗୁଡ଼ା ଥାନା କେଶ ନଂ- ୧୬୮/୨୦୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ବାବାଶଙ୍କର ସରାଫ୍ ପ୍ରକାଶ କରିଛନ୍ତି।

# ଓଡ଼ିଆ ଫିଲ୍ମରେ ଶବ୍ଦ ବ୍ୟବହାରକୁ ନେଇ ଅଭିଯୋଗ

ଫୁଲବାଣୀ, ୪ା୭(ରାକେଶ କୁମାର ରାଉତ)



ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି ।

କିଛି ଦିନ ପୂର୍ବେ ଓଡ଼ିଆ ଫିଲ୍ମ 'ପ୍ରିୟେ ତୁ ମୋ ସିଏ' ମୁକ୍ତିଲାଭ କରିଛି । ଏଥିରେ କିଛି ସଂଳାପରେ ବ୍ୟବହାର ହୋଇଥିବା ଶବ୍ଦକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ମଙ୍ଗଳବାର କନ୍ଧମାଳ ଜିଲା ପାଣ ସମାଜ କଲ୍ୟାଣ କମିଟି ଏହାକୁ ବିରୋଧ କରିବା ସହ ଜିଲାପାଳ ଏବଂ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛି। ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତ୍ରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

ଝିଲିକ ପ୍ରଡକ୍‌ସନ ବ୍ୟାନରରେ ନିର୍ମିତ ଏହି ଓଡ଼ିଆ ଚଳଚ୍ଚିତ୍ରରେ 'ହରିଜନ' ଭଳି ଶବ୍ଦ ବ୍ୟବହାର କରାଯାଇଛି। ଚଳଚ୍ଚିତ୍ରରେ ନାୟିକା ଏଲିନା ବାରମ୍ବାର ହରିଜନ ଶବ୍ଦ ଉଚ୍ଚାରଣ କରୁଛନ୍ତି । ହରିଜନମାନଙ୍କୁ ସମାଜରେ ନିଚା, ଲୋଫର, ମଦୁଆ, ଲଫଙ୍ଗା ଆଦି କହିଛନ୍ତି । ଏହା ଓଡ଼ିଶାରେ ବସବାସ କରୁଥିବା ହରିଜନ ଜାତିର ସମସ୍ତ ସାଧାରଣ ଲୋକଙ୍କ ସମ୍ମାନ ଉପରେ ଆଞ୍ଚ ଆଣିଛି । ସୁପ୍ରିମ୍ କୋର୍ଟଙ୍କ ଆଦେଶ ଅନୁସାରେ ହରିଜନ ଏକ ଅସାମ୍ବିଧାନିକ ଶବ୍ଦ। ଏହା କୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କମିଟି କହିଛି। କିନ୍ତୁ ଫିଲ୍ମରେ ଉଦ୍ଦେଶ୍ୟମୂଳକ ଭାବରେ ଏହା ବାରମ୍ବାର ବ୍ୟବହାର କରାଯାଇଛି । ଏଣୁ ଏହି ଫିଲ୍ମକୁ ବ୍ୟାନ୍ କରିବା ସହିତ ଏହାର ପ୍ରଯୋଜକ ଝିଲିକ୍ ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ସୁଧାଂଶୁ ସାହୁ ଏବଂ ନାୟିକା ଏଲିନା ସାମନ୍ତରାୟଙ୍କୁ ଗିରଫ କରିବାକୁ ଜିଲା ପାଣ ସମାଜ କଲ୍ୟାଣ କମିଟି ଦାବି କରିଛି ।

# ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

**ଖଣ୍ଡପଡ଼ା,୪ା୭(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଞ୍ଚଳରେ ୪ ଦିନ ଧରି ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି। ବର୍ଷା ହେଉନାହିଁ। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଆରମ୍ଭରୁ ବାଧାପ୍ରାପ୍ତ ହୋଇଛି। ସେହିପରି ଖଣ୍ଡପଡ଼ା ବନ ବିଭଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବନୀକରଣ ଯୋଜନାରେ ରୋପଣ କରାଯାଇଥିବା ଚାରାଗୁଡ଼ିକ ଗ୍ରୀଷ୍ମ ପ୍ରଭାବରେ ନଷ୍ଟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ସମ୍ପ୍ରତି ମୁଣ୍ଡଫଟା ଖରା ଜନଜୀବନକୁ ପ୍ରଭାବିତ କରୁଛି। ବର୍ଷା ଅଭାବରୁ ଚାଷ ଜମିଗୁଡ଼ିକ ପଡ଼ିଆ ପଡ଼ିଥିବା ବେଳେ ଚାଷୀ ବର୍ଷାର ଆଗମନକୁ ଚାହିଁ ରହିଛନ୍ତି। ଜୁନ୍ ୩୦ ସନ୍ଧ୍ୟାରେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ୮୫ ମିଲି ମିଟର ବର୍ଷା ହୋଇଥିବା ନେଇ ଖଣ୍ଡପଡ଼ା ସ୍ଥିତ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ତା' ପରଠରୁ ବର୍ଷା ଉଭାନ ହୋଇଯାଇଛି। ଆସନ୍ତା ଦିନେ କିମ୍ବା ୨ ଦିନ ମଧ୍ୟରେ ବର୍ଷା ନ ହେଲେ ପରିସ୍ଥିତି ଅସମ୍ଭାଳ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଅଖଣ୍ଡ ହନୁମାନ ଚାଳିଶା ପାଠ

ନୟାଗଡ,୪ା୭(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ପ୍ରତାପପ୍ରସାଦରେ ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କର ଶୋଡଶ ଉପଚାର ପୂଜା ସହିତ ଅଖଣ୍ଡ ହନୁମାନ ଚାଳିଶା ପାଠ ଏବଂ ଘୃତାହୁତି ଯଜ୍ଞ ଗତ ସୋମବାର ଉଦ୍ ଯାପିତ ହୋଇଛି। ଗତ ଶନିବାର କଳସ ଶୋଭାଯାତ୍ରାରୁ ଆରମ୍ଭ ହୋଇ ସୂର୍ଯ୍ୟପୂଜା, ଗୋପୂଜା କରାଯାଇଥିଲା। ଏ ଅବସରରେ ଇନ୍ଦ୍ରଜିଦ୍ ବଧ ଓ ଲବକୁଶ ଜନ୍ମ ନାଟକ ପରିବେଶଣ ହୋଇଥିଲା ।

# ବୁଥ୍ କମିଟି ଉପରେ ବିଜେଡିର ଫୋକସ୍


ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ ।

ଗୋପାଳପୁର,୪ା୭(ନବୀନ ରାଜ ଆଚାରୀ)

ରାଜ୍ୟ ରାଜନୀତିରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜେଡ଼ିର ଛାମୁଆ ନେତାମାନେ ଏକ ବୈଠକ କରିଥିଲେ। ବ୍ରହ୍ମପୁରସ୍ଥିତ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀଙ୍କ ଓଏସଡ଼ି ଡ଼. ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସଭାପତି ଅଜିତ କୁମାର ଦାସ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ନୂତନ ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ବୁଥ ସ୍ତରୀୟ କମିଟି ଚୟନ କରାଯିବା ସହ ଜୋନସ୍ତରୀୟ ବୈଠକ ମଧ୍ୟ କରାଯିବ ବୋଲି କୁହାଯାଇଥିଲା ଏବଂ ନିର୍ବାଚନ ମଣ୍ଡଳୀରେ ସାଂଗଠନିକ ଉପରେ ଗୁରତ୍ୱ ଦେବା ସହ ଆଲୋଚନା କରାଯାଇଥିଲା। ଦଳ ବିରୋଧୀ କାର୍ଯ୍ୟକଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେନେଇ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ସିଏଚ ଉଷାରାଣୀ, ଉପାଧ୍ୟକ୍ଷ ଅନୀତା କୁମାରୀ ମହାକୁଡ଼, ଜିଲା ପରିଷଦ ଉପସଭାନେତ୍ରୀ ଏସ.ରାଜେଶ୍ୱରୀ ଦୋରା, ଜିଲା ସାଧାରଣ ସମ୍ପାଦକ ଭରତ ପାତ୍ର, ଉପସଭାପତି ସିଏଚ.ଦିଲେଶ୍ୱର ରେଡ୍ଡୀ, ଜିଲାପରିଷଦ ଦିପକ କୁମାର ସାମନ୍ତ, ରାମହରି ପାତ୍ର, ମିଲେନ୍ଦ୍ର ପ୍ରଧାନ, ଦଣ୍ଡ ପାଣିଗ୍ରାହୀ, ଗୋପାଳପୁର ଏନ୍‌ଏସ୍‌ସି ଅଧ୍ୟକ୍ଷ ଏ.ଜାନକୀ ରାମ, ଉମା ନାୟକ, ନିଳମାଧବ ପାତ୍ର, ପ୍ରତାପ ଚନ୍ଦ୍ର କୋଠିଆ, ମୁନା ନାୟକ ଓ ପ୍ରସନ୍ନ କୁମାର ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ଅଘଟଣ
## ଏସ୍‌ଏସ୍ କୋଠାରୁ ଖସିଲା ସିଲିଂ

ବ୍ରହ୍ମପୁର,୪ା୭(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ସୁପର ସ୍ପେଶାଲିଟି (ଏସ୍‌ଏସ୍) କୋଠାରେ ଏକ ଅଘଟଣ ଘଟିଛି। କିଛି ଦିନର ବ୍ୟବଧାନରେ ପୁଣିଥରେ ମଙ୍ଗଳବାର ଏସ୍‌ଏସ୍ କୋଠାରୁ ସିଲିଂ ଖସିଛି। ଏଥିରେ କେହି ବି ଆହତ ହୋଇ ନ ଥିବା ଜଣାପଡିଛି। ବାରମ୍ବାର ଛାତରୁ ସିଲିଂ ଖସୁଥିବାରୁ ରୋଗୀ, ସମ୍ପର୍କୀୟ ଓ କର୍ମଚାରୀମାନେ ଭୟଭୀତ ହେଉଛନ୍ତି। ପୂର୍ବରୁ ସୁପରସ୍ପେସାଲିଟି ବ୍ଲକରୁ ଲଗାତାର ସିଲିଂ ଖସିଥିବା ନଜିର ରହିଛି। ପୁଣିଥରେ ସୁପର ସ୍ପେଶିଆଲିଟି ବ୍ଲକରେ ଥିବା ଏକ ଛାତରୁ ହଠାତ ଏକ ବଡ଼ ସିଲିଂ ଖସିପଡିଥିଲା। ଉକ୍ତ ରୁମ୍‌ରେ ମେଡିସିନ୍ ରହିଥିବା ବେଳେ କୌଣସି ଷ୍ଟାଫ୍ ନଥିଲେ, ଫଳରେ କାହାର କିଛି କ୍ଷତି ହୋଇନଥିବା ଜଣାପଡିଛି।

# ଜାଲିଆତି କରି ଋଣ ଉଠାଣ
## ଏସ୍‌ପିଙ୍କୁ ଫେରାଦ ହେଲେ ଗ୍ରାମବାସୀ

ବ୍ରହ୍ମପୁର,୪ା୭
(ସୁବାସ ଚନ୍ଦ୍ର ପାଢ଼ୀ)


ଜିଲା ଆରକ୍ଷୀ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ।

ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡ଼ାଙ୍କୋଲି ଗ୍ରାମର ତିନି ଜଣ ବ୍ୟକ୍ତି କେତେକ ଗ୍ରାମବାସୀଙ୍କ ନାମରେ ଜାଲିଆତି କରି ଋଣ ଉଠାଇ ଟଙ୍କା ହଡ଼ପ କରିଛନ୍ତି। ମଙ୍ଗଳବାର ଝାଡ଼ାଙ୍କୁଲି ଗ୍ରାମବାସୀ ଏସପିଙ୍କ ନିକଟରେ ଏନେଇ ଫେରାଦ ହୋଇଛନ୍ତି। ଗ୍ରାମର ବବିତା ବେହେରା, ଲକ୍ଷ୍ମୀ ସାହୁ, ବାସନ୍ତୀ ସାହୁ, ଜୟନ୍ତୀ ସାହୁ, ଗୀତା ସାହୁ, ଝୁନୁ ସାହୁ, ସଞ୍ଜୁ ସାହୁ, ଗୁଣ୍ଡୁ ସାହୁ, ବାବୁ ସାହୁ, ସାରଦା ସାହୁ, ମିନତୀ ଆଚାରୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ଉପରୋକ୍ତ ତିନିଜଣ ବ୍ୟକ୍ତି ଆମ୍ଭମାନଙ୍କୁ ନେଇ ଗ୍ରୁପ କରିଛନ୍ତି। ଆମ୍ଭମାନଙ୍କ ନାମରେ ଆସିଥିବା ଗ୍ରୁପ ଋଣ ସେମାନେ ଉଠାଇ ହଡ଼ପ କରିଛନ୍ତି। ଏହି ଠକେଇରେ କେତେକ ଫାଇନାନ୍ସ କମ୍ପାନୀର କର୍ମଚାରୀ ମଧ୍ୟ ସାମିଲ ଅଛନ୍ତି। ଏହି ଜାଲିଆତିରେ ମହିଳାଙ୍କ ସ୍ୱାମୀଙ୍କ ଫଟୋ ସ୍ଥାନରେ ଅନ୍ୟ ଲୋକର ଫଟୋ ଲଗାଇ ଟଙ୍କା ଉଠାଇଛନ୍ତି। ଅଭିଯୋଗ ହେବା ପରେ ଆରକ୍ଷୀ ଅଧୀକ୍ଷକ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମଖଣ୍ଡି ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି।

